ସକାଳ THE SAKALA



## ଯୁଣଭଦ୍ରା କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପ୍ରୀତିପୁର, ୧।୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବିତନା ପଞ୍ଚାୟତସ୍ଥ ଯୁଣଭଦ୍ରା ମହାବିଦ୍ୟାଳୟ ଅଧ୍ୟକ୍ଷ ସାଧୁଚରଣ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଅଧ୍ୟକ୍ଷ ନିରୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ଜ୍ଞାନରଞ୍ଜନ ଧଳଙ୍କ ସଂଯୋଜନାର ଏହି ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ପ୍ରଶାସନିକ ଦକ୍ଷତା ଓ ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ବିଦାୟୀ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅଙ୍ଗବସ୍ତ୍ର, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସୁବାସ ନାୟକ, ନିରଞ୍ଜନ ନାୟକ, ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଡକ୍ଟର ରୁଚି ନିଗମ ଧନ୍ୟବାଦ ଦେଇଥିଲେ।

### ଶୋଚନୀୟ ପେଟା ନଦୀ ପୋଲ

# ବିପଦରେ ଯାତ୍ରୀଙ୍କ ଜୀବନ; ମରାମତି ଦାବି

**କୟାଁଗୋଲା, ୧।୨(ସମିସ)**



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବିଚ୍ଛିନ୍ନାଞ୍ଚଳକୁ ଯୋଗାଯୋଗ କରିବାକୁ ସେତୁ ସଂଯୋଗ କରିଛନ୍ତି। ତେବେ ରକ୍ଷଣାବେକ୍ଷଣ ସଠିକ୍ ସମୟରେ ନ ହେବା ଓ ମରାମତି କରିବାକୁ ବିଭାଗ ଆନ୍ତରିକତା ଦେଖାଉ ନ ଥିବାରୁ ସଂଯୋଗ ସେତୁ ଶୋଚନୀୟ ହୋଇପଡ଼ିଛି। ଯାହାକି ଛୋଟ ସମସ୍ୟା ପାଇଁ ବିରାଟ ବିରାଟ ସମସ୍ୟା ସୃଷ୍ଟି ହେଉଛି। ଏହା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତର ଗହୀରାପାଳଠାରୁ କର୍ଣ୍ଣପୁର ପେଟା ନଦୀ ପୋଲ କ୍ଷେତ୍ରରେ। ଉକ୍ତ ପୋଲ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ମରାମତି କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଗହୀରାପାଳ-କର୍ଣ୍ଣପୁର ପେଟା ପୋଲ ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ଅସୁରକ୍ଷିତ ଅବସ୍ଥାରେ ରହିଛି। ପୋଲ ଉପରେ ଯାତାୟାତ କରିବା ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ରହିଛି। ଯାହାକୁ ନେଇ ଯିବାଆସିବା କରିବାକୁ ଲୋକେ ଭୟ କରୁଛନ୍ତି। ୧୦ ବର୍ଷ ପୂର୍ବେ ଏହି ପୋଲ ନିର୍ମାଣ କରାଯାଇଥିଲା। ପୂର୍ବ ଯାଜପୁର ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇ ପୂର୍ବ ଯାଜପୁର ସହିତ କେନ୍ଦ୍ରାପଡ଼ା ଜିଲ୍ଲାକୁ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ ହୋଇଥିବାବେଳେ ପ୍ରସିଦ୍ଧ ବିରଜା କ୍ଷେତ୍ର ଓ ଭଦ୍ରକ ଜିଲ୍ଲାସ୍ଥ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଆରଡିକୁ ରାସ୍ତା ସଂଯୋଗୀକରଣ ସହ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ବଜାର ଓଳାଭର ବଜାରକୁ ସଂଯୋଗ ହୋଇପାରିଛି। ଫଳରେ ପ୍ରତ୍ୟହ ଶହ ଶହ ତୀର୍ଥଯାତ୍ରୀଙ୍କ ଯାତାୟାତ ମାର୍ଗ ସୁଗମ ଓ ସଂକ୍ଷିପ୍ତ ହେବ ସଙ୍ଗେ ସଙ୍ଗେ ପୂର୍ବ ଯାଜପୁର ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାବାସୀଙ୍କ ମଧ୍ୟରେ ସାମାଜିକ, ସାଂସ୍କୃତିକ ସମ୍ପର୍କ ଦୃଢ ହୋଇପାରିଛି। ପ୍ରସ୍ତାବିତ କୁଆଖିଆ-ଯାଜପୁର ଟାଉନ -ଆରଡ଼ିକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୦ ନିର୍ମାଣ ଶେଷ ହେଲେ ଉକ୍ତ ପଥର ବ୍ୟବସାୟିକ ସଫଳତା ବୃଦ୍ଧି ପାଇ ଉଭୟ ଜିଲ୍ଲାର ଜନସାଧାରଣଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେବ। ସମ୍ପ୍ରତି ଉକ୍ତ ପୋଲର କିଛି ଅଂଶରେ ଗୁରୁତର ଫାଟ ସୃଷ୍ଟି ହୋଇ ଅସୁରକ୍ଷିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଶହ ଶହ ସଂଖ୍ୟକ ଭାରୀଯାନ ବ୍ୟତୀତ ଅନ୍ୟାନ୍ୟ ଯାନବାହନ ଓ ପାଦ ଚଲା ଜନସମୂହଙ୍କ ଧନଜୀବନ ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ପେଟା ନଦୀ ପୋଲର ମରାମତି ପାଇଁ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷ ନିକଟରେ ଦୃଢ଼ ଦାବି କରିଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ସିଂହପୁର, ୧।୨(ସମିସ):** ପ୍ରୀତିପୁର ବିବି ହାଇସ୍କୁଲର ୧୯୭୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଯାଜପୁର ବାଣପୁରସ୍ଥ ବୁଢ଼ୀ କଣ୍ଟାଇ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦୀର୍ଘ ୫୦ ବର୍ଷ ପରେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ନିଜ ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ବାଲିଆ କଲେଜରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ବରୀ, ୧।୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଏକ ଶୋଭାଯାତ୍ରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ବାହାରି ଗ୍ରାମ୍ୟ ସଡ଼କ ରାସ୍ତାରେ ଲୋକଙ୍କୁ ଦୁର୍ଘଟଣାରୁ କିଭଳି ରକ୍ଷା ପାଇବେ, ସେ ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟାପକ ପ୍ରଦୀପ ମୁଦୁଲି, ଅଧ୍ୟାପକ ନିମାଇଁ ଚରଣ ଲେଙ୍କା, ସୁକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାନ୍ଧୀଙ୍କ ତିରୋଧାନ ଦିବସ



**ଧର୍ମଶାଳା, ୧।୨(ସମିସ):** ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥ ମହାତ୍ମା ଗାନ୍ଧୀ ଫାଉଣ୍ଡେସନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସଭାପତି ଅଖିଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଡକ୍ଟର ପ୍ରଶାନ୍ତ ସ୍ୱାଇଁ, ସମାଜସେବୀ କାହ୍ନୁଚରଣ ଦାଶ, କୃଷକ ନେତା ବସନ୍ତ ପରିଡ଼ା, ଅବରସପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଆଶାତରୁ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ସାହୁ ଓ କଂଗ୍ରେସ ଯୁବନେତା ମାନସ କର ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସ୍ୱାଇଁ, ପୁରୁଷୋତ୍ତମ ଜେନା, ଆଧାତ୍ମିକବାଦୀ ରତ୍ନାକର ଦାଶ, ସାଧୁ ଅଭୟାନନ୍ଦ ସାରଦା, ଶିକ୍ଷକ ବିଜୟ ଦେବତା, ସର୍ବୋଦୟ ମଣ୍ଡଳ ସମ୍ପାଦକ ଦେବବ୍ରତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଶୁଭକାନ୍ତ ନାୟକ, ମାନସ ଜେନା, ସୁବ୍ରତ ଜେନା ପ୍ରମୁଖ ଗାନ୍ଧୀ ଆଦର୍ଶ ଉପରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିହାର ରଞ୍ଜନ ମୁଦୁଲି ଅତିଥି ପରିଚୟ ଦେଇଥିବାବେଳେ ଦେବେନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ, ବିନୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ନିଆଳି ବିଦ୍ୟାଳୟରେ 'ନିପୁଣ ଓଡ଼ିଶା' ମେଳା



**ବାଲିଚନ୍ଦ୍ରପୁର, ୧।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତ ନିଆଳି ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ସିଆରସିସି ତପସ୍ୱିନୀ ଶାନ୍ତିଙ୍କ ତତ୍ତ୍ୱାବଧାନରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବରପଦା ସରପଞ୍ଚ ପ୍ରମୋଦ ଜେନା ମେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ପାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ସାମଲ, ନାଗାର୍ଜୁନ ଜେନା, ସଚ୍ଚିଦାନନ୍ଦ ଜେନା, ଦାମୋଦର ପରିଡ଼ା ଯୋଗଦେଇ ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରିଥିଲେ। ଏଥିରେ ୧୦ଟି ବିଦ୍ୟାଳୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ୧୬୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ପ୍ରସ୍ତୁତ କରିଥିବା ଶିକ୍ଷଣ ସାମଗ୍ରୀ ଷ୍ଟଲରେ ସଜାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ପ୍ରଧାନଶିକ୍ଷକ ଭାଗ୍ୟରବି ସାମଲ ଓ ସିଆରସିସି ହିମାଂଶୁ ଭୂଷଣ ଜେନା ଯୋଗ ଦେଇଥିଲେ। ରୁଦ୍ରଜିତ୍ ପ୍ରଧାନ ପ୍ରଥମ ହୋଇଥିବାବେଳେ, ଅନୀଶା ପ୍ରିୟଦର୍ଶିନୀ ପରିଡ଼ା ଦ୍ୱିତୀୟ ଓ ରେହାଂଶୁ ଦାଶ ତୃତୀୟ ହୋଇ ବ୍ଲକସ୍ତରୀୟ ମେଳାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଶିକ୍ଷକ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ବଳଦେବଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବଣିଆପସିକୁ ହରାଇ ରାଛିପୁର ଚାମ୍ପିଅନ୍



**ଶଙ୍ଖଚିଲା, ୧।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା କ୍ରିକେଟ ପଡ଼ିଆରେ ଚାଲିଥିବା ୨୪ତମ ଜହ୍ନା ବଳଦେବଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ଏମ୍ଏମ୍ସିସି କ୍ଲବ, ବଣିଆପସି ଓ ବାବା ଇଲେଭେନ କ୍ଲବ, ରାଛିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଛିପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଜବାବରେ ବଣିଆପସି ୨୦ ଓଭରରେ ୯ ୱିକେଟ ହରାଇ ୧୬୯ ରନ କରିବାକୁ ସକ୍ଷମ ହୋଇଥିଲା। ରାଛିପୁର ଦଳର ଚନ୍ଦନ ମହାପାତ୍ର ଧୂଆଁଧାର ବ୍ୟାଟିଂ କରି ୫୨ ବଲରୁ ୧୧୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଆକାଶ ଜେନା, ବେଷ୍ଟ ବ୍ୟାଟ୍ସମ୍ୟାନ ବିକ୍ରମ ମଲ୍ଲିକ, ବେଷ୍ଟ ବୋଲର ଭାବେ ରାଜ ମିଶ୍ର ପୁରସ୍କୃତ ହୋଇଥିଲେ। ଖେଳକୁ କ୍ଲବ୍‌ର ଦୁଇ ପୂର୍ବତନ ଅଧିନାୟକ ରାଜୀବଲୋଚନ ରାଉତ ଓ ପଦ୍ମନାଭ ବିଶ୍ୱାଳ ପରିଚାଳନା କରିଥିବାବେଳେ ଅବିନାଶ ସ୍ୱାଇଁ, ପ୍ରଶାନ୍ତ ରାଉତ, ସ୍ମୃତିରଞ୍ଜନ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଦେବୀପ୍ରସାଦ ସାହୁ ସ୍କୋରର ଥିଲେ।

ଯୁବନେତା ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି, ମୁଖ୍ୟବକ୍ତା ଭାବେ ନେମ ଆଣ୍ଡ ଫେମ ଗ୍ରୁପର ଅଧ୍ୟକ୍ଷ ବନୋଜ ଜେନା, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ଅଞ୍ଚଳର ଯୁବ ସମାଜସେବୀ ଅଭିଳାଷ ବୋଇତାଇ ଓ ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସତ୍ୟ ଆର୍ଟ ଆଣ୍ଡ କଲଚରର ବାର୍ଷିକୋତ୍ସବ



**ବ୍ରହ୍ମବରଦା, ୧।୨(ସମିସ):** ଦିବ୍ୟାଙ୍ଗ ହେଲେ ବି ଦୁଇ ଭାଇଭଉଣୀ ସତ୍ୟବ୍ରତ ଓ ସାଗରିକା କୌଣସି ଗୁଣରେ କମ୍ ନୁହଁନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହିତ ନୃତ୍ୟ ଶିକ୍ଷାଦାନ କରି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି। ଖଇପଡ଼ା ଗ୍ରାମରେ ତିନିବର୍ଷ ପୂର୍ବରୁ ସତ୍ୟ ଆର୍ଟ ଆଣ୍ଡ କଲଚରର ଅନୁଷ୍ଠାନ ଗଢିଥିଲେ। ଏହି ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଡିସନାଲ କମିଶନର ଅକ୍ଷୟ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଉମେଶ ଜେନା ପ୍ରମୁଖ ଯୋଗଦେଇ ସତ୍ୟ ଆର୍ଟ ଆଣ୍ଡ କଲଚର ଦ୍ୱାରା ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହ 'ଆମ କଳା ଆମ ସଂସ୍କୃତି'ର ପ୍ରଚାର ପ୍ରସାର ଓ ଦିବ୍ୟାଙ୍ଗଙ୍କ କଳାର ବିକାଶ ଏହାର ମୂଳ ଉଦ୍ଦେଶ୍ୟ ବୋଲି ସଭାପତି କହିଥିଲେ। ଏ ଅବସରରେ ୫ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ଗୀତ, ତର୍କ, ଚିତ୍ରାଙ୍କନ, ଝୋଟି, ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ସୌଭାଗ୍ୟ ସାହୁ, ଶ୍ରମିକ ନେତା ପ୍ରଦୀପ ଦାସ, ସମାଜସେବୀ ପ୍ରମୋଦ ସାହୁ ଯୋଗ ଦେଇଥିଲେ। ସାଗରିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦମୟୀ ଶିଶୁ ନିକେତନର ବାର୍ଷିକ ଉତ୍ସବ



**ବିଞ୍ଝାରପୁର, ୧।୨(ସମିସ):** ମାତୃଭାଷାରେ ଶିକ୍ଷାଦାନ ହିଁ ହେଉଛି ଆନନ୍ଦମୟ ଶିକ୍ଷା ପଦ୍ଧତିର ବିଜ୍ଞାନମୟ ଦିଗ ଓ ଧାରା। ମାତୃଭାଷାରେ ଶିଶୁ ତାଙ୍କର ଶୈକ୍ଷିକ ଆବେଗ ଓ ଅନିସନ୍ଧିତ୍ସୁ ମନୋବୃତ୍ତିକୁ ପରିପ୍ରକାଶ କରିବାରେ ଚାପମୁକ୍ତ ହୋଇ ଶିକ୍ଷା ଗ୍ରହଣ କରିଥା'ନ୍ତି। ପିଲାଙ୍କ ମନକୁ ନେଇ ଶିକ୍ଷାଦାନ କରିବାରେ ଶିକ୍ଷକ ମଧ୍ୟ ଆତ୍ମସନ୍ତୋଷ ଲାଭ କରିଥା'ନ୍ତି ବୋଲି ଆନନ୍ଦମୟୀ ଶିଶୁ ନିକେତନରେ ଆୟୋଜିତ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପରିଚାଳନା ସମିତି ସଭାପତି ସ୍ତମ୍ଭକାର ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଡିଓ ହିତାଂଶୁ ସାମଲ ଓ ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଶିକ୍ଷାବିତ ଜ୍ଞାନରଞ୍ଜନ ସାମଲ, କଣ୍ଠଶିଳ୍ପୀ ଅରୁପମା ନାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଅକ୍ଷୟ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିବାବେଳେ ଅମ୍ବିକା ଦାସ କ୍ରୀଡା ବିବରଣୀ ପାଠ କରିଥିଲେ। ସୁମିତ୍ରା ମିଶ୍ର, ଅନୁପମା ପଣ୍ଡା, ସମରୁନ ନିଶା, ସନ୍ଧ୍ୟାରାଣୀ ଦାସ, ଅନୀତା ରାଉଳ, କ୍ରିଷ୍ଣା ଦାସ, ବନଲତା ମିଶ୍ର, ଝୁନମୟୀ ବିଦ୍ଧାଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଭାବକ ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ବିଦୃପା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ବରୀ, ୧।୨(ସମିସ):** କଳାମାଟିଆ ପଞ୍ଚାୟତ ବିଦୃପା ସୁନାକର ବିହାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଶିଶୁଙ୍କ ସୁସ୍ଥ ଶରୀର ଓ ନିରୋଗ ଜୀବନ ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ପକ୍ଷରୁ କରାଯାଇଥିବା କ୍ରୀଡ଼ା ପ୍ରତିଯୋଗିତା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କାଶୀନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଶତପଥୀ ଯୋଗ ଦେଇଥିଲେ। ରାଧାକାନ୍ତ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ରାଉତ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେଇଥିବାବେଳେ ପ୍ରଥମ ଦିନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିବାବେଳେ ଦ୍ୱିତୀୟ ଦିନରେ ବିଦ୍ୟାଳୟ ପକ୍ଷରୁ ଜ୍ଞାନ ଆହରଣ ପାଇଁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦମକଳ କେନ୍ଦ୍ର ଓ ବରୀ ଥାନାକୁ ବୁଲାଇବାକୁ ନିଆଯାଇଥିଲା।

## ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଦଶରଥପୁର, ୧।୨(ସମିସ):** ଦଶରଥପୁର ବ୍ଲକ ସାଧୁଗୌରେଶ୍ୱର କଲଜିଏଟ୍ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ଶିକ୍ଷାବିତ୍, ଗ୍ରାମବାସୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରଧାନଶିକ୍ଷକ ଅନୀଲ କୁମାର ରାୟ, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ରୌପ୍ୟ ଜୟନ୍ତୀର ରୂପରେଖ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ମତ ପ୍ରଦାନ କରି ଆସନ୍ତା ମାର୍ଚ୍ଚ ମାସରେ ଏହି ରୌପ୍ୟ ଜୟନ୍ତୀ ପାଳନ ପାଇଁ ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା।

# ଜିଲ୍ଲାସ୍ତରୀୟ ଲୋକକଳା ବାର୍ଷିକୋତ୍ସବ

**କୁଆଖିଆ, ୧।୨(ସମିସ):** ଯାଜପୁର ଜିଲ୍ଲା କଳା, ସଂସ୍କୃତି ସଂଘର ଜିଲ୍ଲାସ୍ତରୀୟ ଲୋକକଳା ବାର୍ଷିକୋତ୍ସବ ରସୁଲପୁର ବ୍ଲକର ପ୍ରଥମାଖଣ୍ଡ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ମୋହନ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡାକ୍ତର ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବରୀ ବ୍ଲକ କଳା, ସଂସ୍କୃତି ସଂଘର ଉପସଭାପତି ଗୁନଚରଣ ନାୟକ, ପ୍ରସନ୍ନ କର, ପ୍ରଫୁଲ୍ଲ ଆଚାର୍ଯ୍ୟ, ମନୋରଞ୍ଜନ ଦାସ, ତରଣୀସେନ ରାଉତ, ଅର୍ଜୁନ ପଣ୍ଡା, ଉପଦେଷ୍ଟା ଦାଶରଥି ମିଶ୍ର ଯୋଗଦେଇ ଓଡ଼ିଆ ସଂସ୍କୃତିରେ ଲୋକକଳା ହିଁ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସିଛି ବୋଲି ମତ ଦେବା ସହ ଏହାକୁ ଉଜ୍ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ। ଉପଦେଷ୍ଟା ଚତୁର୍ଭୁଜ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଚନ୍ଦନେଶ୍ୱର କଳା, ସଂସ୍କୃତି ପରିଷଦର ସମ୍ପାଦକ ଅଜୟ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ଷୟ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଧର୍ମଶାଳା, ୧।୨(ସମିସ):** ଧର୍ମଶାଳା ବ୍ଲକ ଭବାନୀପୁରସ୍ଥ ଜଗନ୍ନାଥ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଶାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷାଧିକାରୀ ଅଭିଜିତ ବାରିକ, ନିଖିଳ ଉତ୍କଳ ଏଲିମେଣ୍ଟାରୀ ବିଏଡ ଶିକ୍ଷକ ସଂଘ ଉପଦେଷ୍ଟା ଲକ୍ଷ୍ମଣ ମହାନ୍ତି, ନିଖିଳ ଉତ୍କଳ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ ଦାସ, ସାଧାରଣ ସମ୍ପାଦକ ସରୋଜ ପଣ୍ଡା, ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆର୍ତ୍ତତ୍ରାଣ ସେଠୀ, ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଛାତ୍ର ବତ୍ସଳତା ଓ ଅନୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀପୁର ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ସମିତିସଭ୍ୟା ସରୋଜିନୀ ମହାନ୍ତି, ବ୍ଲକ ସହଶିକ୍ଷାଧିକାରୀ ମମିତା ମହାନ୍ତି, ମାଣିକ ପ୍ରସାଦ ସଏ, ଦାନଗଦି ବ୍ଲକ ସହଶିକ୍ଷାଧିକାରୀ ବଳରାମ ପତି ପ୍ରମୁଖ ଯୋଗ ଦେଇଥିଲେ। ପୁରତନ ଛାତ୍ର ସଂସଦ ପକ୍ଷରୁ ଆଲୋକ ଲେଙ୍କା ଓ ଚନ୍ଦ୍ରମଣି ପଣ୍ଡିତ ପ୍ରମୁଖ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲ କମିଟି ଓ ବିଭିନ୍ନ ସଂଗଠନ ତରଫରୁ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସଠିକ୍ ମାର୍ଗରେ ଗଲେ ସଫଳତା ମିଳିବ'

**ବ୍ୟାସନଗର, ୧।୨(ସମିସ)**



ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସଠିକ ମାର୍ଗରେ ଗଲେ ସଫଳତା ମିଳିବ ଓ ଏ ନେଇ ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଅତ୍ୟନ୍ତ ପ୍ରୟୋଜନ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

+୨ ଅଧ୍ୟକ୍ଷା ଲଳିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ମହାବିଦ୍ୟାଳୟର ଉତ୍ତମ ପରିବେଶ ପ୍ରତିବର୍ଷ ସୁନାଗରିକ ସୃଷ୍ଟି କରିବାରେ ସହାୟକ ହେଉଛି। ଛାତ୍ରୀମାନେ ଉତ୍ତମ ନାଗରିକ ଭାବେ ସୃଷ୍ଟି ହୋଇ ରାଜ୍ୟଠାରୁ ଦେଶ ଯାଏଁ ସୁନାମ ଅର୍ଜନ କରିଥିବାରୁ ମହାବିଦ୍ୟାଳୟ ସେମାନଙ୍କ ପାଇଁ ଗର୍ବିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡଃ ସୁରେନ୍ଦ୍ରନାଥ ବେହେରା ଯୋଗଦେଇ ବଡମଣିଷ ହେବାକୁ ସ୍ୱପ୍ନ ଏମିତି ଦେଖ, ଯେଉଁ ସ୍ୱପ୍ନ ତୁମକୁ ଶୁଆଇ ଦେବନାହିଁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଓ ରାଜସ୍ୱ କମିଶନର ଅକ୍ଷୟ ମଲ୍ଲିକ ଯୋଗଦେଇ ଛାତ୍ରୀ ନିଜର ନିଷ୍ଠା ଓ ଅଧ୍ୟାବସାୟ ବଳରେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ। ସେଥିପାଇଁ କୌଣସି ଅଭାବ ଅନଟନ ପ୍ରତିବନ୍ଧକ ହେବ ନାହିଁ ବୋଲି କହିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ବିଭାଗର ଉପସଭାପତି ଅଧ୍ୟାପକ ଗୋବର୍ଦ୍ଧନ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ +୩ର ମୁଖପତ୍ର 'ଅପରାଜିତା' ଓ +୨ର 'କ୍ୟାଲେଣ୍ଡର'କୁ ସମ୍ପାଦିକା ସୁମିତ୍ରା ରାଉତ, ସମ୍ପାଦକ ଜ୍ୟୋତିପ୍ରକାଶ ରାଉତ, ସାଂସ୍କୃତିକ ବିଭାଗର ଉପସଭାପତି ଅରୁଣ ମିଶ୍ର ଓ ପଦ୍ମଭୂଷଣ ରାଉତରାୟଙ୍କ ସଞ୍ଚାଳନରେ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବରିଷ୍ଠ ଅଧ୍ୟାପିକା ଡଃ ହିରଣ୍ମୟୀ ମିଶ୍ର, ଡଃ ଯାଜ୍ଞେଶ୍ୱରୀ ପଲେଇ, ଡଃ ମମତାମୟୀ ଦାଶ ପିଏଚଡି ଲାଭ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ଡିଗ୍ରୀ (ସ୍ନାତକ) ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସୁପ୍ରଭା ସାହୁ, +୨ କଳାରେ ଗୀତାଞ୍ଜଳି ସାହୁ, ବିଜ୍ଞାନରେ ସୁଭସ୍ମିତା ସ୍ୱାଇଁ ଓ ଧନ୍ଦାମୂଳକରେ ପ୍ରତୀକ୍ଷା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶୃଙ୍ଖଳା ପଡ଼ିଛି ଜେନାପୁର-ନାକପୋଲ ହାଇଲେବୁଲ କେନାଲ ଚାଷ କାର୍ଯ୍ୟ ବାଧାପ୍ରାପ୍ତ, ଚିନ୍ତାରେ ଚାଷୀ

**କବାଟବନ୍ଧ, ୧।୨(ସମିସ)**



କୃଷି ଓ କୃଷକର ବିକାଶ ପାଇଁ ସରକାର ବ୍ୟୟବରାଦ କରୁଥିବାବେଳେ ତାହା ପ୍ରକୃତରେ କାର୍ଯ୍ୟରେ ଲାଗୁଛି କି ନାହିଁ ତାହା ତଦାରଖ କରାଯାଉନାହିଁ। ଫଳରେ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ବ୍ରାହ୍ମଣୀ ନଦୀରୁ ଜଗତପୁର ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ପର୍ଯ୍ୟନ୍ତ ଯାଇଥିବା ହାଇଲେବୁଲ କେନାଲ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି କେନାଲ ଏବେ ଶୃଙ୍ଖଳା ପଡ଼ିଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରୁ ଦାବି ହେଉଛି।

ଜଳସେଚନ ବିଭାଗର ଦୁଇଟି ଡିଭିଜନ ଅଧୀନରେ ରହିଛି ଜେନାପୁର-ନାକପୋଲ ହାଇଲେବୁଲ କେନାଲ। ଇଂରେଜ ଶାସନ କାଳରେ ୧୮୭୭ରେ ନିର୍ମାଣ ହୋଇଥିବା ଏହି କେନାଲ କଟକ ଜିଲ୍ଲାର ଜଗତପୁର ପର୍ଯ୍ୟନ୍ତ ରହିଛି। ଇଂରେଜମାନେ ଏହାକୁ ମୁଖ୍ୟତଃ ଜଳପଥରେ ଯାତାୟାତ ତଥା ବିଭିନ୍ନ ସାମଗ୍ରୀ ନେବା ଆଣିବା ପାଇଁ ବ୍ୟବହାର ଉଦ୍ଦେଶ୍ୟରେ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହାକୁ ନିଜ ଅଧୀନକୁ ନେଇ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ। ଏହି ହାଇଲେବଲ କେନାଲରୁ ପାଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଚାଷ ଜମିକୁ ଜଳସେଚନ ହେଉଥିଲା। ବର୍ଷ ସାରା ବିଭିନ୍ନ ଫସଲ କରି ଚାଷୀମାନଙ୍କୁ ଉପକୃତ କରିବା ଉଦ୍ଦେଶ୍ୟ ଥିଲା। ବିଶେଷକରି ଖରାଦିନିଆ ଫସଲ ପାଇଁ ବେଶୀ ଆବଶ୍ୟକ ରହିଛି। ବର୍ଷ ସାରା କେନାଲରେ ପାଣି ରହିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପରିତାପର ବିଷୟ ଏବେ ଏଠାରେ ଜଳ ବୋଲି ବୁନ୍ଦାଏ ମଧ ନାହିଁ। ଯାହାକି ଚାଷ କାମ ପାଇଁ ମୁଖ୍ୟ ସମସ୍ୟା ସାଜିଛି। କେବଳ ବର୍ଷାଋତୁକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ଏଠାରେ ପାଣି ରହୁନାହିଁ। ଜାରକା ଜଳସେଚନ ଅଧୀନରେ ଜେନାପୁରଠାରୁ ନାକପୋଲ ପର୍ଯ୍ୟନ୍ତ ୯୫୩ ହେକ୍ଟର ପରିମିତ ଏହି କେନାଲ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା କହିଲେ ଭୁଲ ହେବ ନାହିଁ। ଏହି ହାଇଲେବୁଲ କେନାଲର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ନିମନ୍ତେ ବିଭାଗ ପକ୍ଷରୁ ମୋଟା ଅଙ୍କର ଅର୍ଥ ମଞ୍ଜୁର କରାଯାଉଛି। ପାଣି ରହିଲେ ଚାଷୀ ଜଳସେଚନର ସୁବିଧା ପାଇବେ। ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହାକୁ ଜେନାପୁରଠାରୁ ଦେଖି ଦେଖି ଗଲେ ବହୁ ସ୍ଥାନରେ ଗାଈଗୋରୁ ଚରୁଛନ୍ତି। ଛୋଟ ଛୋଟ ଦଳ ଭର୍ତ୍ତି ହୋଇଛି। ଏହାକୁ ପୁନରୁଦ୍ଧାର କରାଯାଇ ପାଣି ରହିବା ବ୍ୟବସ୍ଥା କରାଗଲେ, କେନାଲ ଅଞ୍ଚଳର ଚାଷୀ ବେଶ୍ ଲାଭବାନ ହୋଇପାରିବେ ବୋଲି ଚାଷୀ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ



**ସୁକିନ୍ଦା, ୧।୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବଳବା ଗ୍ରାମରେ ସାଙ୍ଗଙ୍କ ସହ ଖେଳୁଥିବା ସମୟରେ ମିଲନ ମଲିକ ନାମକ ପଞ୍ଚମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କୁନା ମଲ୍ଲିକଙ୍କ ପୁଅ ମିଲିନ (୧୦) ଶନିବାର ଅପରାହ୍ନରେ ଗ୍ରାମ ପାଖ ଖେଳ ପଡ଼ିଆରେ ଖେଳୁଥିବା ସମୟରେ ହଠାତ୍ ଅଚେତ ହୋଇପଡ଼ିଥିଲା। ପରିବାର ଲୋକେ ମିଲନକୁ ତୁରନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମିଲନକୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଖବର ପାଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

### ଜଳିଗଲା ୨ ବଖରା ଘର ଓ ଗୁହାଳ

## ୫ ଗାଈ ଜୀବନ୍ତଦଗ୍ଧ, ୧ ଗୁରୁତର



**ମଙ୍ଗଳପୁର, ୧।୨(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ଇସମାଇଲପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଓ ଗୁହାଳ ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ୫ଟି ଗାଈ ଓ ବାଛୁରୀ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗୋଟିଏ ଗୁରୁତର ଅଛି। ତପନ ଦାସଙ୍କ ପରିବାର ଲୋକେ ଶୁକ୍ରବାର ରାତିରେ ଶୋଇଥିବାବେଳେ ଘରେ ନିଆଁ ଲାଗିଥିବା ପଡ଼ୋଶୀ ଡାକ ପକାଇବାରୁ ବାହାରି ଆସି ଜୀବନ ବଞ୍ଚାଇଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଘରୁ କୌଣସି ସାମଗ୍ରୀ ଉଦ୍ଧାର ହୋଇପାରି ନ ଥିଲା। ତେବେ ଗୁହାଳରେ ଥିବା ୫ଟି ଗାଈ ଓ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ତପନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଡ଼କ ସୁରକ୍ଷା ସଚେତନତା ନାଟକ ମଞ୍ଚସ୍ଥ

**ବଡଚଣା, ୧।୨(ସମିସ):** ହରିଦାସପୁରଠାରେ ପ୍ରତିଷ୍ଠିତ ରାମକୋ ସିମେଣ୍ଟ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ସଡ଼କ ସୁରକ୍ଷା ମାସ ଉଦଯାପନୀ ଅବସରରେ ନାଟକ ମଞ୍ଚସ୍ଥ କରିଥିଲେ। ନାଟକରେ ଜଗତଜିତ୍ ଜେନା ନିର୍ଦ୍ଦେଶନା ଦେବା ସହ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ନାଟକକୁ ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ଗୋବିନ୍ଦ ରାଉତ ଉଦ୍‌ଘାଟନ କରିଥିଲେ। ପ୍ରଶାନ୍ତ ସେଠୀ, ପ୍ରଶାନ୍ତ ସାହୁ, ପିଣ୍ଟୁ ପୁହାଣ, ସତ୍ୟବାନ୍ ରାଉତ, ସଞ୍ଜୟ ପରିଡ଼ା, ଚନ୍ଦ୍ରଶେଖର ପ୍ରମୁଖଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥିଲା। ସହକାରୀ ମ୍ୟାନେଜର ମେଜର ସୁରେଶ ସିଂହ ନିର୍ଦ୍ଦେଶକ ଜଗତଜିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ମୁକୁନ୍ଦ ପାତ୍ର କଲେଜର ବାର୍ଷିକ କ୍ରୀଡ଼ା




**କବାଟବନ୍ଧ, ୧।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ଅଧକ୍ଷା ଶ୍ରୀମତୀ କବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜେନାପୁର ଥାନା ଅଧିକାରିଣୀ ଶ୍ରୀମତୀ ନିରୁପମା ଜେନା ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ଓ ସାମାଜିକ ଗଣମାଧମର ଉପକାରିତା ଓ ଅପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡଃ କୁଶଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଡଃ ଶୁଭ୍ରାଂଶୁ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗ ସମ୍ପାଦକ ଅଧାପକ ସୁଦାମ ଚରଣ ଧଳ କ୍ରୀଡ଼ାକୁ ସଂଯୋଜନା କରିବା ସହ କ୍ରୀଡ଼ା ଶିକ୍ଷକ ରମେଶ ଓଝା ସହଯୋଗ କରିଥିଲେ। ବାଳକ ବିଭାଗରେ +୩ ତୃତୀୟ ବର୍ଷର କଳା ଛାତ୍ର ସୋମନାଥ ପଣ୍ଡା ଓ ବାଳିକା ବିଭାଗରେ +୩ ପ୍ରଥମ ବର୍ଷ ଛାତ୍ରୀ ପ୍ରତୀକ୍ଷା ସାହୁ ଚାମ୍ପିଅନ ହୋଇଥିଲେ। ସମସ୍ତ ଅଧାପକ, ଅଧାପିକା ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ରକ୍ଷାକାଳୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଦଶରଥପୁର, ୧।୨(ସମିସ):** ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତର ଝାଡ଼ଙ୍ଗାସ୍ଥ ମା'ରକ୍ଷାକାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଝାଡ଼ଙ୍ଗା ଓ ରତନପାଳ ଗ୍ରାମର ମୁରବିଙ୍କୁ ନେଇ ଗଠିତ ମନ୍ଦିର କମିଟି ପକ୍ଷରୁ ତିନିଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିବସରେ ମନ୍ଦିର ପ୍ରତିଷ୍ଠା ପୂର୍ବକ ପାରମ୍ପରିକ ରୀତିନୀତି ଅନୁଯାୟୀ କଳସ ଯାତ୍ରା, ପୂଜାର୍ଚ୍ଚନା, ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ତାରାକାନ୍ତ ଶତପଥୀ ଓ ଜିତାରାଣୀ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବିଶ୍ୱଶାନ୍ତି ଯଜ୍ଞରେ ସୁଶାନ୍ତ ସ୍ୱାଇଁ ଓ ଗୀତାରାଣୀ ସ୍ୱାଇଁ କର୍ତ୍ତା ଥିଲେ। ପ୍ରତ୍ୟହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ କାର୍ଯ୍ୟରେ ଯୋଗଦେଇ ଆଶିଷ କାମନା କରିଥିଲେ। ସନ୍ଧ୍ୟାରେ ପ୍ରବଚକଙ୍କ ଦ୍ୱାରା ଅଧାତ୍ମିକ ପ୍ରବଚନ ଆୟୋଜିତ ହୋଇଥିଲା। ମହିଳା ପାଲାଗାୟକ ଓ ସାଥୀ ପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ଦିବସରେ କଟକର କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ।

### କେନ୍ଦ୍ର ବଜେଟ୍ ପ୍ରତିକ୍ରିୟା

## ଅଭିବୃଦ୍ଧି ଓ ଜନବିରୋଧୀ



ଦୁଇଦିନ ପରେ ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ଓ ଆଗାମୀ ବିହାର ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ଆଗତ କରାଯାଇଥିବା ୨୦୨୫-୨୬ର କେନ୍ଦ୍ର ବଜେଟ ଦେଶ ଓ ଦେଶବାସୀଙ୍କ ମୌଳିକ ସମସ୍ୟା ପ୍ରତି ଆଖି ବୁଜିଦେଇଛି। 'ବହୁ ଆଡମ୍ବର, ଲଘୁ କ୍ରିୟା' ହେଉଛି ଏହି ବଜେଟର ସ୍ୱରୂପ। ଦେଶର ଯୁବ ସମାଜ ମଧ୍ୟରେ ବେକାର ରହିଥିବା ଶତକଡା ୮୩ ଭାଗ ଯୁବକ/ଯୁବତୀଙ୍କୁ ଏହି ବଜେଟ ଦେଇଛି ନିଷ୍ଠୁର ପ୍ରତାରଣାର ଭେଟି। କେନ୍ଦ୍ର ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ ସମେତ କର୍ମନିଯୁକ୍ତିର ସୁଯୋଗ ସମ୍ପ୍ରସାରଣ ପାଇଁ ବଜେଟରେ କୌଣସି ପ୍ରସ୍ତାବ ନାହିଁ।

**ସନ୍ତୋଷ ଦାସ, ସିପିଆଇଏମ୍ ନେତା**



ଚଳିତ ବଜେଟରେ ଲାଗୁ ହୋଇଥିବା ୧୨ ଲକ୍ଷ ଯାଏଁ ଟିକସ କେବଳ ଲୋକଦେଖାଣିଆ। ପୂର୍ବ ବଜେଟର ଥିବା ରାଶିଠାରୁ ମାତ୍ର ୧ ଲକ୍ଷ ଅଧିକ। ଏହି ବଜେଟରେ ଛାଡ଼ ମିଳିବ। ପ୍ରକୃତପକ୍ଷେ ବାକି ରାଶି ପାଇଁ ଟିକସ ଦେବାକୁ ପଡ଼ିବ। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପୂର୍ବବର୍ଷ ଅପେକ୍ଷା କମ୍ ଅର୍ଥରାଶି ବରାଦ ହେବା ସହିତ ବିକଶିତ ଭାରତ ଓ ୫ ବିଲିଅନ ବ୍ୟବସାୟ ଯୋଜନା ଉପରେ କୌଣସି ଠୋସ ଯୋଜନା ଏଥିରେ ଆଗତ ହୋଇନାହିଁ।

**ସଦାଶିବ ଦାଶ, ଯାଜପୁରରୋଡ଼ ଚାମ୍ବର ଅଫ କମର୍ସ ସମ୍ପାଦକ**



ସରକାର କେବଳ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ଭୋଟ ବ୍ୟାଙ୍କ ପାଇଁ ଗରିବଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ବଜେଟ ଆଣିଛନ୍ତି। ଏଥିରେ ମଧବିତ୍ତଙ୍କ ପାଇଁ କିଛି ବ୍ୟବସ୍ଥା ନାହିଁ। ବରଂ ମଧବିତ୍ତଙ୍କ ଉପରେ ଟିକସ ବୋଝ ଲଦି ଦେଇଛନ୍ତି। ତେବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି, ସେଥିରେ କିନ୍ତୁ ନୂଆ କଥା ଦେଖିବାକୁ ମିଳିଛି। ଏଥିରେ ମଧବିତ୍ତ ଶ୍ରେଣୀର ବାର୍ଷିକ ୧୨ ଲକ୍ଷ ବା ମାସିକ ୧ଲକ୍ଷ ଟଙ୍କା ଦରମା ପାଉଥିବା ସରକାରୀ କର୍ମଚାରୀ ଓ ମାସିକ ୧ଲକ୍ଷ ଟଙ୍କା ଆୟ କରୁଥିବା ବ୍ୟବସାୟୀଙ୍କୁ ଆୟକରରୁ ମୁକ୍ତି ଦେଇ ସେମାନଙ୍କୁ ଖୁସି କରିଛନ୍ତି। ଏହାଦ୍ୱାରା ମଧବିତ୍ତଙ୍କ ସଞ୍ଚୟ ବୃଦ୍ଧି ପାଇବ। ଏହାକୁ ନିଶ୍ଚିତ ଭାବେ ଏକ ଅପ୍ରତ୍ୟାଶିତ, ଦୂରଦର୍ଶୀ ଓ ଐତିହାସିକ ବଜେଟ ବୋଲି କୁହାଯାଇପାରିବ।

**ଉଦୟନାଥ ସାହୁ, ଆଇନଜୀବୀ, ଚଣ୍ଡିଖୋଲ**

### ସର୍ବଭାରତୀୟ ଦୁଃସାହସିକ କାର୍ଯ୍ୟକ୍ରମ

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସଫଳତା



**ଦାନଗଦି, ୧।୨(ସମିସ):** କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲ ସ୍କାଉଟ ଆଣ୍ଡ ଗାଇଡ୍ସର ଛାତ୍ରଛାତ୍ରୀଙ୍କୁ ମିଳିଛି ବଡ ସଫଳତା। ପଶ୍ଚିମବଙ୍ଗ ଦାର୍ଜିଲିଂଠାରେ ଅନୁଷ୍ଠିତ ସର୍ବଭାରତୀୟ ଦୁଃସାହସିକ କାର୍ଯ୍ୟକ୍ରମରେ ସଫଳତାର ସହ ଅଂଶଗ୍ରହଣ କରି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଡିସେମ୍ବର ୨୮ରୁ ଆରମ୍ଭ ହୋଇ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟ ମାଷ୍ଟର ଶ୍ରୀମନ୍ତ ରାୟଙ୍କ ନେତୃତ୍ୱରେ ୩୨ ଜଣ ପ୍ରତିନିଧି ଦଳ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ବରିଷ୍ଠ ଶିକ୍ଷକ ସତ୍ୟନାରାୟଣ ପଣ୍ଡା, କାଳୀଚରଣ ବାସ୍କେ ଓ ମହିଳା ତତ୍ତ୍ୱାବଧାରିକା ସୋନିଆ ରାଉତ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ଦକ୍ଷିଣ-ପୂର୍ବ ରେଳପଥ ଓ ଓଡ଼ିଶାରୁ ଏକମାତ୍ର ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଶ୍ୱ ଚାଳନା, ସାଇକ୍ଲିଂ, ଧନୁ ଚାଳନା, ବନ୍ଧୁକ ଚାଳନା, ନୌକା ଚାଳନା, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ, ଆଦିବାସୀ ନୃତ୍ୟରେ ପ୍ରତିଭା ଦେଖାଇ ପୁରସ୍କୃତ ହୋଇଥିଲେ। ଦାର୍ଜିଲିଂ, ସ୍କାଉଟ ଗାଇଡ ଭବନ, ହିମାଳୟନ ମାଉଣ୍ଟେନର୍ସ ଶିକ୍ଷାକେନ୍ଦ୍ର, ଶିଲିଗୁଡ଼ି ଆଦି ପରିଭ୍ରମଣ କରିଥିଲେ। ଛାତ୍ରଛାତ୍ରୀ ନୃତ୍ୟ ଗୀତରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶ୍ରୀମନ୍ତ ରାୟଙ୍କୁ ତାଙ୍କର ନିରବ ସାଧନା ପାଇଁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସଂସ୍ଥାପକ ବୁଦ୍ଧଦେବ ରାଉତ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ ରଣା ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ।

## ଟାଟା କାରଖାନା ଓ ବିସ୍ଥାପିତ ପରିବାର ବିବାଦ ନେଇ କମ୍ପାନୀର ସ୍ପଷ୍ଟୀକରଣ

**ଦାନଗଦି, ୧।୨(ସମିସ):** ବିସ୍ଥାପନ ଓ ନିଯୁକ୍ତିକୁ ନେଇ ଟାଟା କାରଖାନା କର୍ତ୍ତୃପକ୍ଷ ଓ ବିସ୍ଥାପିତ ପରିବାର ମଧ୍ୟରେ ହୋଇଥିବା ବିବାଦ ସମ୍ପର୍କରେ କମ୍ପାନୀ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରତିକ୍ରିୟା ଦିଆଯାଇଛି। କମ୍ପାନି ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାବାସୀଙ୍କ ସହ ଟାଟା ଷ୍ଟିଲର ୧୦୦ ବର୍ଷରୁ ଅଧିକ ବର୍ଷର ସମ୍ପର୍କ ରହିଛି। ଏହାର ସଫଳତା ଓ ଭବିଷ୍ୟତର ଅଭିବୃଦ୍ଧି ଆକାଂକ୍ଷା ସ୍ଥାନୀୟ ଲୋକଙ୍କ ସମର୍ଥନ ପାଇଁ ମିଳିପାରିଛି। ଗତ ୧୦ ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ପ୍ରାୟ ୧, ୦୦, ୦୦୦ କୋଟି ଟଙ୍କା ବିନିଯୋଗ କରିଛୁ। ଯେଉଁଠାରେ କି ଆମର ଖଣି କାର୍ଯ୍ୟ ଓ ଗ୍ରୀନଫିଲ୍ଡ କଳିଙ୍ଗନଗର କାରଖାନା ସହିତ ଅଧିଗ୍ରହଣ ମାଧ୍ୟମରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଓ ଭୂଷଣ ଷ୍ଟିଲ୍ ଆଦି ତିନୋଟି ଉତ୍ପାଦନକ୍ଷମ କାରଖାନା ଅଛି।

ଗତ ୨୮ ତାରିଖରେ ଯେତେବେଳେ କିଛି ବ୍ୟକ୍ତି ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) କାରଖାନା ଯାହାକି ଟାଟା ଷ୍ଟିଲର ସହାୟକ ସଂସ୍ଥା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ଆମେ ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ିଥିଲୁ। ଆମ ସୁରକ୍ଷା କର୍ମୀ ଏଥିରେ ହସ୍ତକ୍ଷେପ କରିଥିଲେ। ଫଳରେ ଧସ୍ତାଧସ୍ତି ହୋଇଥିଲା ଓ କିଛି ଲୋକ ଏଥିରେ ଆହତ ହୋଇଥିଲେ। ଆମର କୌଣସି ସୁରକ୍ଷା କର୍ମୀ କାହାକୁ ଛୁରାମାଡ଼ କରିଥିବା ଘଟଣାର ଯେଉଁ ଗୁଜବ ପ୍ରକାଶ ପାଉଛି, ତାହାକୁ ଆମେ ଦୃଢ଼ ଭାବେ ଖଣ୍ଡନ କରୁଛୁ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ। ଟାଟା ଷ୍ଟିଲ ସର୍ବଦା ସମସ୍ତ ସରକାରୀ ନିୟମ ଓ ନିର୍ଦ୍ଦେଶାବଳୀକୁ ପାଳନ କରିଆସିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଧର୍ମଶାଳା ବାଣୀପୀଠରେ ଡିଜିଟାଲ ମନିଟରିଂ ସିଷ୍ଟମ ଉଦ୍‌ଘାଟିତ




**ଧର୍ମଶାଳା, ୧।୨(ସମିସ):** ଧର୍ମଶାଳା ବାଣୀପୀଠରେ ଶନିବାର ଡିଜିଟାଲ ମନିଟରିଂ ସିଷ୍ଟମ ଉଦ୍‌ଘାଟିତ ହୋଇଛି। ଆଇଡିବିଆଇ ବ୍ୟାଙ୍କର ସିଏସଆର ପାଣ୍ଠିରୁ ପ୍ରଦତ୍ତ ଅର୍ଥରେ ସ୍କୁଲ ପରିସରରେ ୧୪ଟି ସିସି କ୍ୟାମେରା ଲଗାଯାଇଛି। ଏହାର ମୂଲ୍ୟ ୨ ଲକ୍ଷ ୨୫ ହଜାର ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ପ୍ରଧାନଶିକ୍ଷକ ବାସୁଦେବ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଆଇଡିବିଆଇ ବ୍ୟାଙ୍କ ରାଜ୍ୟ ମୁଖ୍ୟ ଡକ୍ଟର ନିହାରରଞ୍ଜନ ସାମଲ ଯୋଗଦେଇ ଉଦଘାଟନ କରି ବାଣୀପୀଠ ଭଳି ରାଜ୍ୟରେ ୧୫୦ଟି ସ୍କୁଲକୁ ସିଏସଆର ପାଣ୍ଠିରୁ ଆବଶ୍ୟକ ଜିନିଷ ଯୋଗାଇ ଦିଆଯିବ ବୋଲି କହିଥିଲେ। ଆଇଡିବିଆଇ ବ୍ୟାଙ୍କ ଯାଜପୁରରୋଡ ଶାଖା ପରିଚାଳକ ଜୟଦେବ ବେହେରା, ବିଇଓ ଅଭିଜିତ ବାରିକ, ପୁରାତନ ଛାତ୍ର ସଂସଦ ସଭାପତି ଡା. ବିଜୟ ଶତପଥୀ, ଉପଦେଷ୍ଟା ରମେଶ ଚନ୍ଦ୍ର ସିଂ ଓ କାର୍ଯ୍ୟକ୍ରମ ସଂଯୋଜକ ଆଲୋକ ରଞ୍ଜନ କର ଓ ବିଚିତ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବ୍ୟାଙ୍କର ଏତାଦୃଶ ସହଯୋଗକୁ ପ୍ରଶଂସା କରିଥିଲେ।

## ଦଶରଥପୁର ବିଜେଡିର ସାଂଗଠନିକ ବୈଠକ



**ଦଶରଥପୁର, ୧।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନ ୨୦ଟି ପଞ୍ଚାୟତର ଆଗଧାଡ଼ିର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ଏକ ସାଂଗଠନିକ ବୈଠକ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ କାଳୀମେଘାସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ବିଧାୟକ ଶ୍ରୀ ଦାସ ଅତିଥି ଭାବେ ଉପସ୍ଥିତ ରହି ଦଳୀୟ ସଂଗଠନ ସୁଦୃଢ଼ୀକରଣ ରଣନୀତି ସମ୍ପର୍କରେ ଆଲୋଚନା କରିବା ସହ ଅନୁଷ୍ଠିତ ହେବାକୁ ଯାଉଥିବା ଆରଏମ୍‌ସି ନିର୍ବାଚନ ବିଷୟରେ କର୍ମକର୍ତ୍ତାଙ୍କ ସହିତ ମତ ବିନିମୟ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟାସଭ୍ୟ ପାର୍ଥସାରଥୀ ମହାପାତ୍ର, ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ବରିଷ୍ଠ ନେତା ଜ୍ୟୋତି ରଞ୍ଜନ ପରିଡ଼ା, ଅମୀୟ ଜେନା, ସୀତାକାନ୍ତ ଶତପଥୀ, ମନୋଜ ରାଉତ, ସରପଞ୍ଚ ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ଏସ୍‌କେ ନାଦର, ନିରକାର ସାହୁ, ବିଜୟଲକ୍ଷ୍ମୀ ଶତପଥୀ, ରାଜଶ୍ରୀ ସାମଲ, କାଞ୍ଚନବାଳା ପରିଡ଼ା, ଧର୍ମରାଜ ଧୀରଙ୍କ ସମେତ ବହୁ ଯୁବ ଛାତ୍ର ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ।

## କାର୍‌ରେ ଛେଳି ଚାଲାଣବେଳେ ଧରାପଡ଼ିଲା

**ଯାଜପୁର, ୧।୨(ସମିସ):** ଯାଜପୁର-କୟାଁଗୋଲା ରାସ୍ତାର ରାମବାଗ ନିକଟରେ କାର୍ ଯୋଗେ ଛେଳି ଚାଲାଣବେଳେ ଧରାପଡ଼ିଛି। ମେନ ରୋଡ୍‌ରେ ଯାଉଥିବା ଛେଳିକୁ କିଛି ଦୁର୍ବୃତ୍ତ ଚୋରି କରି କାର୍‌ରେ ପୂରାଇ ଫେରାର ହେଉଥିବାବେଳେ କେତେକ ଯୁବକ ଦେଖି ପାଟି କରିଥିଲେ। ଫଳରେ କାର୍ ଦ୍ରୁତ ଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଅଟକି ଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ ଗାଡ଼ି ଛାଡ଼ି ଚାଲିଯାଇଥିଲେ। କାର୍ ଭିତରେ ୫ଟି ଛେଳି ସହ ମଦ ବୋତଲ ଓ ଧାରୁଆ ଅସ୍ତ୍ର ଥିବା ଦେଖିବାକୁ ମିଳିଛି। କାର୍‌ର ମାଲିକ କିଏ ଓ କେଉଁ ଅଞ୍ଚଳର ଜଣାପଡ଼ିନାହିଁ। ଯାଜପୁର ପୁଲିସ ପହଞ୍ଚି କାର୍ ଓ ଛେଳିକୁ ଥାନାକୁ ନେଇଛି।

### ଉତ୍ତମ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ପଦନପଡ଼ା ଓ ଇସ୍‌ମାଇଲପୁର ସେମିଫାଇନାଲକୁ ଉନ୍ନୀତ



**ମଙ୍ଗଳପୁର, ୧।୨(ସମିସ)**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ମେଳଣ ପଡ଼ିଆରେ ପାରେଶ୍ୱରନାଥ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଉତ୍ତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଜୟପ୍ରକାଶ ନାୟକ ଓ ଯୁବ ସମାଜସେବୀ ପ୍ରତାପ ନାୟକ ଯୋଗଦେଇ ଫିତାକାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଯୁବନେତା ବିଶ୍ୱଜିତ ଦାସ, ପାରେଶ୍ୱର କ୍ରିକେଟ କ୍ଲବ୍ ସଭାପତି ଅଜିତ ମଲ୍ଲିକ, ସମ୍ପାଦକ ସୁଦାମ ମଲ୍ଲିକ, ନରୋତ୍ତମ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପଦନପଡ଼ା ଓ ଧୂଷୁରୀ କ୍ରିକେଟ ଟିମ୍ ମଧ୍ୟରେ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ଟସ ଜିତି ଧୂଷୁରୀ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪ ୱିକେଟ ହରାଇ ୨୫ ରନ ସଂଗ୍ରହ କରିଥିବାବେଳେ ଜବାବରେ ପଦନପଡ଼ା କ୍ରିକେଟ ଟିମ୍ ୩ ଓଭରରେ ୨ ୱିକେଟ ହରେଇ ୨୬ ରନ ସଂଗ୍ରହ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା।

ସେହିପରି ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ଗହିରାପାଳ ଓ ଇସମାଇଲପୁର କ୍ରିକେଟ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଇସମାଇଲପୁର କ୍ରିକେଟ ଟିମ୍ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସୁନୀଲ ନାୟକ ଓ ଅସିତ ମଲ୍ଲିକ ଖେଳ ପରିଚାଳନା କରିଥିବାବେଳେ ସୁଶାନ୍ତ ପଣ୍ଡା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। କ୍ଲବର ସଭ୍ୟ ଗୋପାଳ ଦାସ, ଚୈତନ୍ୟ ମଲ୍ଲିକ, ସନ୍ତୋଷ ମଲ୍ଲିକ, ବିକାଶ ମଲ୍ଲିକ, ବୈଲୋଚନ ମଲ୍ଲିକ, ଅଧୀର ମଲ୍ଲିକ, ସୁବ୍ରତ ଜେନା, ନିରଞ୍ଜନ ବାରିକ, ଲକ୍ଷ୍ମଣ ସେଠୀ ପ୍ରମୁଖ ସହାୟତା କରିଥିଲେ।

# ବୁଝିଲାନି ପ୍ରଶାସନ; ରାସ୍ତା ଅବରୋଧ କଲେ ଚାଷୀ

ବନ୍ତ/ଆଗରପଡ଼ା, ୧।୨(ସମିସ)



ପ୍ରଶାସନ ପକ୍ଷରୁ ଧାନକିଣା ସମସ୍ୟାର ଶୁକ୍ରବାର ସୁଦ୍ଧା ସମାଧାନ ନହେଲେ ରାସ୍ତା ଅବରୋଧ କରିବାର ଚେତାବନୀ ଦେଇଥିଲେ ଚାଷୀ। ଶେଷରେ ପ୍ରଶାସନ କିଛି ନବୁଝିବାରୁ ବାଧ୍ୟ ହୋଇ ଚାଷୀ ରାସ୍ତା ଅବରୋଧ କରିଥିଲେ। ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତରେ ଏବେ ୨ଟି ମହାସଂଘ କଳି ଯାଇ କୋର୍ଟରେ ପହଞ୍ଚିଛି। ଏହି କଳିରେ ବଳିପଡୁଛନ୍ତି ଚାଷୀ। ଚାଷୀଙ୍କ ଧାନ ଏବେ ନଷ୍ଟ ହେବାକୁ ବସିଲାଣି। ପଞ୍ଚାୟତର ୧୦ଟି ରାଜସ୍ୱ ଗ୍ରାମର ଚାଷୀଙ୍କ ଧାନ ସେବା ସମବାୟ ସମିତି ମାଧ୍ୟମରେ କିଣା ହୋଇପାରୁନାହିଁ। ଏହି ପଞ୍ଚାୟତ ଚାଷୀ ଜିଲ୍ଲାପାଳ ସମେତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀଙ୍କୁ ଗତ୧୬ ତାରିଖରେ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ ଓ ପାଖାପାଖି ୧୫ ଦିନ ବିତିବାକୁ ବସିଥିବା ବେଳେ ଏହାର ସମାଧାନ କରିପାରିନ ଥିଲା ପ୍ରଶାସନ। ଯାହାକୁ ନେଇ ଚାଷୀ ଅଭିଯୋଗ ଆଣିଥିଲେ। କିଛି ଚାଷୀଙ୍କ ଟୋକନ ଅବିଧି ସରିଯାଇଥିବା ବେଳେ କିଛି ଚାଷୀଙ୍କ ଟୋକନ ଅବିଧିର ସମୟ ଗଡି ଚାଲିଛି। ଶୁକ୍ରବାର ସୁଦ୍ଧା ପ୍ରଶାସନ ଉକ୍ତ ସମସ୍ୟାରେ ହସ୍ତକ୍ଷେପ କରି ଚାଷୀଙ୍କ ଧାନ କିପରି କ୍ରୟ କରାଯିବ ତାହାର କୋଣସି ପଦକ୍ଷେପ ଗ୍ରହଣ ନକଲେ ବାଧ୍ୟ ହୋଇ ଚାଷୀ ଶନିବାର ଦିନ ପଞ୍ଚାୟତ ସମ୍ମୁଖ ଗେଟ ସାମ୍ନାରେ ଶାନ୍ତିପୂର୍ଣ ଧାରଣା ଦେବା ସହିତ ରାଜ୍ୟରାଜପଥରେ ଧାନ ବସ୍ତା ରଖି ଅବରୋଧ କରିବେ ବୋଲି ସରକାର ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ। କିଛି ସୁଫଳ ନ ମିଳିବାରୁ ଶନିବାର ସକାଳ ପ୍ରାୟ ସାତଟା ସମୟରୁ ଛୟାଳସିଂହ ପଞ୍ଚାୟତ ସମ୍ମୁଖରେ ୫୩ ନମ୍ବର ରାଜ୍ୟ ରାଜପଥରେ ଧାନ ବସ୍ତା ରଖି ଚାଷୀ ପ୍ରଫୁଲ୍ଲ ରାଉତ, ଖଗେଶ୍ୱର ପାତ୍ର, ଲମ୍ବୋଧର ରାଉତ, ଗୋଲକ ଘଡ଼ାଇ, ପରେଶ ରାଉତ, ପୀତବାସ ସାହୁ, ରାମ ସାମନ୍ତରାୟ, ମାଧ ବେହେରା, ଦାମ ସାହୁ ପ୍ରମୁଖ ଶତାଧିକ ଚାଷୀ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ରାଜ୍ୟରାଜପଥ ଅବରୋଧ କରିଥିଲେ। ପରେ ରାସ୍ତା ଅବରୋଧ ହେବାର ପାଖାପାଖି ୨ଘଣ୍ଟା ପରେ ଘଟଣାସ୍ଥଳରେ ବନ୍ତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ବନ୍ତ ଥାନା ଧିକାରୀ ଶ୍ରୀବଲ୍ଲଭ ସାହୁ, ଏମଆଇ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ଗଣିଜାଙ୍ଗ ସେବା ସମବାୟ ସମିତି ସମ୍ପାଦକ ମାନସ ପଣ୍ଡା ଆଲୋଚନା କରିଥିଲେ। ୨ଦିନ ମଧ୍ୟରେ ଗଣିଜାଙ୍ଗ ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଯାଇଛି।

# ସର୍ପାଘାତରେ ଚାଷୀ ମୃତ

**ବନ୍ତ/ଆଗରପଡ଼ା, ୧।୨(ସମିସ):** ରାମପୁର ପଞ୍ଚାୟତ ଅଳଓଡି ଗାଁର ପ୍ରଦୀପ ବାରିକ(୬୫)ଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ପ୍ରଦୀପ ଶୁକ୍ରବାର ପ୍ରତିଦିନ ଭଳି ନିଜ ବାଡ଼ିରେ କାର୍ଯ୍ୟ କରୁଥିବା ସମୟରେ ସର୍ପଘାତରେ ଆଘାତ ପାଇଥିଲେ। ତୁରନ୍ତ ତାଙ୍କୁ ଭଦ୍ରକ ମୁଖ୍ୟଚିକିତ୍ସାଳୟ ନିଆଯାଇଥିଲା। ପରେ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବାଇକ୍ ଚୋରି ମାମଲା: ଦୁଇ କୋର୍ଟ ଚାଲାଣ

**ଧାମନଗର, ୧।୨(ସମିସ):** ଧାମନଗର ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରୁ ଗତ ଗୁରୁବାର ମଧ୍ୟାହ୍ନ ସମୟରେ ଏକ ବାଇକ୍ ଚୋରି ହେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଉକ୍ତ ବାଇକ ଚୋରି ନେଇ ଧାମନଗର ଥାନା ପକ୍ଷରୁ ତତ୍ପରତା ସହ ତନାଘନା ଜାରି ଥିବା ବେଳ ଶୁକ୍ରବାରୟ ହାବିବି ନଗର ଅଞ୍ଚଳରୁ ୨ଜଣ ଦୁର୍ବୃତ୍ତଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା ପରେ ବାଇକ ଚୋରି କରିଥିବା ଅଟକ ୨ଜଣ ଶେଷରେ ମାନି ଯାଇଥିଲେ। ପରେ ଶନିବାର ସକାଳ ସମୟରେ ଦୁର୍ବୃତ୍ତଙ୍କ ବାଡ଼ିରୁ ଉକ୍ତ ବାଇକକୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ। ବରଗଡ଼ିଆ ଗାଁର ବୈରାଗୀ ଚରଣ ରାଉତ ନିଜ ଘରୁ ଏକ ଜରୁରୀ କାମରେ ନିଜର ନାଲି ରଙ୍ଗର ହିରୋ ସିଡି ଡିଲକ୍ସ ବାଇକ (ଓଆର ୨୨ ବି ୬୩୮୪) ବାଇକ ସାହାଯ୍ୟରେ ଏନ୍ଏସି କାର୍ଯ୍ୟାଳୟକୁ ଯାଇଥିଲେ। ଉକ୍ତ ବାଇକଟି କାର୍ଯ୍ୟାଳୟ ସାମନାରେ ଥିବା ପାର୍କିଂସ୍ଥଳରେ ରଖି ଅଫିସ ଭିତରକୁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଫେରି ଦେଖିଲା ବେଳକୁ କେହି ଦୁର୍ବୃତ୍ତ ତାଙ୍କ ବାଇକଟିକୁ ଚୋରି କରି ନେଇଯାଇଛନ୍ତି। ତୁରନ୍ତ ଏନ୍ଏସି କାର୍ଯ୍ୟାଳୟ ସାମ୍ନାରେ ଲାଗିଥିବା ସିସି କ୍ୟାମେରା ପରିଷ୍କାର ଦେଖା ଯାଉ ନଥିବାରୁ କିଛି ଦୂରରେ ରାସ୍ତା ପାଖରେ ଥିବା ଏକ ଘରେ ସିସି କ୍ୟାମେରାରୁ ଜଣାପଡିଥିଲା ଯେ ୨ଜଣ ଅଜଣା ଦୁର୍ବୃତ୍ତ ଉକ୍ତ ବାଇକ ଚଳାଇ ଫେରାର ହୋଇଥିଲେ।

● ୬ ଦୋକାନର ସଟର୍ ତାଡ଼ିଲେ

# ଲୁଟିନେଲେ ଲକ୍ଷାଧିକ ଟଙ୍କା

**ବନ୍ତ/ଆଗରପଡ଼ା, ୧।୨(ସମିସ):** ବନ୍ତ ଥାନା ଅନ୍ତର୍ଗତ ଛୟାଳସିଂହ ବଜାରରେ ଗୁରୁବାର ରାତିରେ ଦୁର୍ବୃତ୍ତ ୬ଟି ଦୋକାନର ସଟର ତାଡ଼ିବାରେ ସଫଳ ହେବା ସହ ଭିତରେ ଥିବା ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଦୋକାନୀ ସକାଳେ ତୁରନ୍ତ ବନ୍ତ ଥାନାକୁ ଖବର ଦେଇଥିଲେ। ଥାନା କର୍ମଚାରୀ ତଦନ୍ତ ଚଳାଇଥିବା ଜଣାପଡିଛି। ସୁନା ଦୋକାନୀ ରଞ୍ଜନ ସାହୁଙ୍କ ନଗଦ କିଛି ଟଙ୍କା ଯାଇଥିବା ବେଳେ, ଜ୍ଞାନରଞ୍ଜନ ରଞ୍ଜନ ସାହୁଙ୍କ ପ୍ରାୟ ଲକ୍ଷାଧିକ ଟଙ୍କାର ନଗଦ ରାଶି ଓ ଜିନିଷ ଚୋରି ହୋଇଛି। ସେହିପରି ହାର୍ଡୱେର ଦୋକାନୀ ଦୀପକ ଦାଶ, ଗଣେଶ ପାନ ଦୋକାନ, ନୂଆ ଏଟିମ ଘର ସଟର କଟା ହୋଇଥିବା ବେଳେ କୌଣସି ଚୋରି ହୋଇ ନଥିବା ଜଣାପଡିଛି। ବନ୍ତ ପୁଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲେ ସୁଦ୍ଧା ଚୋର ଧରିବାରେ ବିଫଳ ହୋଇଥିବା ଜଣା ପଡିଛି। ସେହିପରି କିଛି ଦିନ ପୂର୍ବେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ଗଣିଜାଙ୍ଗ ଉପସ୍ୱାସ୍ଥ୍ୟ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଘଟଣା ସ୍ଥଳକୁ ସନ୍ଧାନୀ କୁକୁର ଆସି ମଧ୍ୟ ବିଫଳ ହୋଇଥିବା ବେଳେ ପୁଲିସର ଦିନକୁ ଦିନ ଏହିପରି ବିଫଳତା ଯୋଗୁଁ ସାଧାରଣ ଲୋକଙ୍କ ଭରସା ତୁଟି ଯାଉଛି। ସାଧାରଣରେ ଚୋରା ମଦ, ଗଞ୍ଜେଇ, ଧଳା ଜହର କାୟା ବିସ୍ତାର କରିଚାଲୁଥିବା ବେଳେ ପୁଲିସ ଜାଣିଶୁଣି ନିରବ ରହୁଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ଆଇନଶୃଙ୍ଖଳାକୁ ସ୍ୱାଭାବିକ କରିବା ଦୃଷ୍ଟିରୁ ପୁଲିସ ସକ୍ରିୟ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଜାତୀୟ ରଗ୍‌ବି ଫୁଟ୍‌ବଲକୁ ତିଲୋତ୍ତମା ମନୋନୀତ



ଅସୁରାଳି, ୧।୨(ସମିସ): ଉତ୍ତରାଖଣ୍ଡରେ ଆୟୋଜିତ ହେଉଥିବା ୩୮ତମ ଜାତୀୟ ଖେଳରେ ଅଂଶଗ୍ରହଣ କରିବାପାଇଁ ଓଡିଶା ରଗବି ଫୁଟବଲ ଦଳ ଘୋଷଣା ହୋଇଛି। ଏଥିରେ ଭଦ୍ରକ ଜିଲ୍ଲା ଆଗରପଡା, ମହାନ୍ତିପଡ଼ା ଗ୍ରାମର ପିତା ରମେଶଚନ୍ଦ୍ର ସାହୁ ଏବଂ ମାତା ଯଶୋଦା ସାହୁଙ୍କ ସୁପୁତ୍ରି ତିଲୋତ୍ତମା ସାହୁ ଲଗାତାର ତୃତୀୟ ଥର ପାଇଁ ଜାତୀୟ ସ୍ତରରେ ଚୟନ ହୋଇ ଆମ ଭଦ୍ରକ ଜିଲ୍ଲା ତଥା ଭଦ୍ରକ ରଗବି ଫୁଟବଲ ଏସୋସିଏସନକୁ ଗୌରବ ମଣ୍ଡିତ କରିଛନ୍ତି। ତିଲୋତ୍ତମା ଖାଲି ଜାତୀୟ ନୁହଁ ଅନ୍ତର୍ଜାତୀୟ ସ୍ତରରେ ଖେଳୁ ବୋଲି ଆମ ସଂଗଠନର ସଭାପତି ଅନନ୍ତ ସାହୁ, ସମ୍ପାଦକ ଶ୍ରୀଧର ମହାଳିକ, କେସିୟର ଲୁଲୁ ଦାସ, ଉପସଭାପତି ସନ୍ତୋଷ ଦାସ, ଭଦ୍ରକ ରଗବି ଆସୋସିଏସନ ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ଖୋଖୋ କୋଚ ରମେଶଚନ୍ଦ୍ର ପୃଷ୍ଟି, କୋଷାଧକ୍ଷ ରତିକାନ୍ତ ନାୟକ, ସିନିୟର ରଗବି ଖେଳାଳି ବିଶ୍ୱବନ୍ଦିତା ନାୟକ, ଫିଜିଓଥେରାପିଷ୍ଟ ଲକ୍ଷ୍ମଣ ନାୟକ, ପରିଚାଳନା କମିଟି ସଦସ୍ୟ ଜ୍ଞାନରଞ୍ଜନ ବେହେରା, ଜୟନ୍ତ ସୁତାର ପ୍ରମୁଖ ଆଶା ବ୍ୟକ୍ତ କରିଛନ୍ତି।

# ଅର୍ଜ୍ଜୁନ ପଲ୍ଲିଶ୍ରୀ ମେଳାର ୫ମ ସନ୍ଧ୍ୟା




**ବନ୍ତ/ଆଗରପଡ଼ା,୧।୨(ସମିସ):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତରେ ବିଶ୍ୱାସ ଫାଉଣ୍ଡେସନ ଓ ପଲ୍ଲିଶ୍ରୀ ମେଳା କମିଟି ମିଳିତ ଆନୁକୂଲ୍ୟରେ ୭ ଦିନିଆ ଅର୍ଜ୍ଜୁନ ପଲ୍ଲିଶ୍ରୀ ମେଳାର ପଞ୍ଚମ ସନ୍ଧ୍ୟାରେ ବିଶ୍ୱାସ ଫାଉଣ୍ଡେସନର ସମ୍ପାଦକ ସୁକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବନ୍ତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ମୁଖ୍ୟବକ୍ତା ଶିକ୍ଷାବିତ୍ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶିଶେଖର କରଶର୍ମା, ଭାସ୍କରଚନ୍ଦ୍ର ପାଢ଼ୀ, ସରମରା ସେବାସମବାୟ ସମିତି ସମ୍ପାଦକ ନିତ୍ୟାନନ୍ଦ ନାୟକ, ଶିକ୍ଷାବିତ୍ ଗଣେଶ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରେ କୁନି କୁନି ପିଲାଙ୍କ କଳା କୃତି ଲୋକାଲୋଚନକୁ ଆଣିବାକୁ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ୫ମ ସନ୍ଧ୍ୟାରେ ସାମ୍ବାଦିକ ମଳୟ ପରିଡା, ନରେନ୍ଦ୍ର ସାମଲ, ପାର୍ଥସାରଥୀ ନାୟକ, ପ୍ରଭାତ ଦାସ, ସନାତନ ରାଉତ, ଦୀପ୍ତିରଞ୍ଜନ ସାହୁଙ୍କ ସମେତ ସେବା କାର୍ଯ୍ୟ ପାଇଁ ଜୟଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟର ସମ୍ପାଦକ ଡ. ସ୍ୱରେଶ୍ୱରୀ ସାଗରିକା ଜେନା, ସଭାପତି ଅଭିନାଶ ତ୍ରିପାଠୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ଜେନା ଅତିଥି ପରିଚୟ ଓ ସଭାପତି ଜିତେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାକାର ଓ କୁନିପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମେଳା କମିଟି ସଭାପତି ବିଜୟ ଜେନା, ସମ୍ପାଦକ ରମେଶ ମଲ୍ଲିକ, ଅକ୍ଷୟ ବାରିକ, ବୀରକିଶୋର ବାରିକ, ଅକ୍ଷୟ ଗିରି, ଧନେଶ୍ୱର ପଢିହାରୀ, ଚିନ୍ମୟ ଦାସ, ନୀଲେଶ ବାରିକ, ସନ୍ତୋଷ ମଲିକ ସହଯୋଗ କରିଥିଲେ।

# ‘ସମୟର ଆରପାରି’କୁ ଗୋଲ୍‌ଡେନ୍ ବୁକ୍ ସୁପର ସାଇନିଂ ଆୱାର୍ଡ




**ଭଦ୍ରକ, ୧।୨(ସମିସ):** ଗୋଲ୍‌ଡେନ୍ ବୁକ୍ ଆୱାର୍ଡ ଘୋଷଣା କରାଯାଇଛି। ଉକ୍ତ ଆୱାର୍ଡ ପାଇବା ପାଇଁ ଏଥର ଅନେକ ନାମୀଦାମୀ ଲେଖକ ଯୋଗ୍ୟ ବିବେଚିତ ହୋଇଥିଲା ବେଳେ ସେମାନଙ୍କ ମଧ୍ୟରେ ରହିଛନ୍ତି ରସ୍କିନ ବଣ୍ଡ, ଶଶି ଥରୁର, ଆଲିଆ ଭଟ୍ଟ, ପ୍ରଯକ୍ତା କୋଇଲି, ଆଶୁତୋଷ ରାଣା, ଟି. ଏନ୍. ଭେନୁଗୋପାଳ, ଗୁଲଜାର, ରାଜୀବ ଭାଟିଆଙ୍କ ପରି ସୁଖ୍ୟାତିସମ୍ପନ୍ନ ଲେଖକ। ଆଉ ଖୁସିର କଥା ଉକ୍ତ ପୁରସ୍କାର ଏଥର ଜଣେ ଓଡ଼ିଆଙ୍କୁ ପ୍ରଥମ ଥର ପାଇଁ ତାଙ୍କ ଓଡ଼ିଆ କବିତା ପୁସ୍ତକ "ସମୟର ଆରପାରି' ପାଇଁ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବ ଆସନ୍ତା ୧୫ତାରିଖରେ ପୁନେଠାରେ ଅନୁଷ୍ଠିତ ହେବ। ଏହି ପୁରସ୍କାର ଘୋଷଣା ହେଲାପରେ ବିଭିନ୍ନ ମହଲରୁ ଡ.ସେଠୀଙ୍କୁ ଶୁଭେଚ୍ଛା ଅର୍ପଣ କରାଯାଇଛି। ଡ.ସେଠୀ ଓଡ଼ିଆ ସାହିତ୍ୟରେ ବହୁ ଗଳ୍ପ, ଉପନ୍ୟାସ ଓ କବିତା ପୁସ୍ତକ ରଚନା କରିଛନ୍ତି। ବହୁ ଅନୁଷ୍ଠାନ ଦ୍ୱାରା ସେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ପ୍ରାୟ ୨୫ଟି ପୁସ୍ତକର ସେ ରଚୟିତା। ସମ୍ପ୍ରତି ସେ ଭଦ୍ରକ ଉପନିବନ୍ଧକଙ୍କ ଅଫିସରେ ଏଆରସିଏସ୍ ଭାବେ କାର୍ଯ୍ୟରତ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବନ୍ତ/ଆଗରପଡ଼ା,୧।୨(ସମିସ):** ଛୟାଳସିଂହ ପଞ୍ଚାୟତ ବରହମପୁରସ୍ଥିତ ବରଜୁ ପୁରୁଷୋତ୍ତମ ବିଦ୍ୟାଳୟରେ ଶିକ୍ଷକ ଭଗବାନ ନାୟକ, ଲଳିତମୋହନ ମିଶ୍ର, କର୍ମଚାରୀ ପ୍ରହଲ୍ଲାଦ ଘଡ଼ାଇଙ୍କ ସମେତ ଶ୍ରୀଧର ବାରିକଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବନ୍ତ ଓଷ୍ଟା ସଭାପତି ନାରାୟଣ ଚନ୍ଦ୍ର ସାମଲ, ମୁଖ୍ୟବକ୍ତା କେନ୍ଦୁଆପଦା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ବାରିକ, ସମ୍ମାନିତ ଅତିଥି ଓଷ୍ଟା ଉପସଭାପତି ବନ୍ତ ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ଓଷ୍ଟା ସନ୍ତୋଷ ଜେନା, ସମାଜସେବୀ ସନ୍ତୋଷ ନାୟକ, ସମିତିସଭ୍ୟା ନିରୂପମା ରାଉତ, ପ୍ରଧାନଶିକ୍ଷକ ଖଗେଶ୍ୱର ଉଚ୍ଚବିଦ୍ୟାଳୟ ସୁବାସ ପଣ୍ଡା, ସୁଦର୍ଶନ ଘଡ଼ାଇ, ସ୍ନିଗ୍ଧା ନାୟକ, ପ୍ରହଲ୍ଲାଦ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ପରିଚୟ ଶିକ୍ଷକ ପଞ୍ଚାନନ ସାହୁ, ସ୍ୱାଗତ ଭାଷଣ ବୀରଭଦ୍ର ପଣ୍ଡା, ଧନ୍ୟବାଦ ଶରତ ପାଣିଗ୍ରାହୀ ପ୍ରଦାନ କରିଥିଲେ।

## ଆଞ୍ଚଳିକ କ୍ରୀଡ଼ା

### ପୁଲିସ ପକ୍ଷରୁ ଉପକୂଳ ଭଲିବଲ

# ମା’ ଶୀତଳା ଚାମ୍ପିଅନ



**ବାସୁଦେବପୁର,୧।୨(ସମିସ):** ବାସୁଦେବପୁର ବ୍ଲକ ଉପକୂଳ ଅଞ୍ଚଳର ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ପୁଲିସ ବିଭାଗ ପକ୍ଷରୁ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କସିଆ ସାମୁଦ୍ରିକ ପୁଲିସ ପକ୍ଷରୁ କସିଆ ଗଙ୍ଗାମାତା ପଡ଼ିଆରେ ଦିନିକିଆ ଭଲିବଲ ପ୍ରତିଯୋଗିତାରେ ମା’ ଶୀତଳା ଭଲିବଲ ଟିମ, ମା’ ମନସା ଭଲିବଲ ଟିମ ଓ ମା’ ଗଙ୍ଗାମାତା ଭଲିବଲ ଟିମ ଅଂଶଗ୍ରହଣ କରିଥିଲେ। ଲିଗ୍ ମ୍ୟାଚରେ ମା’ ମନସା ବାଦ ପଡିବା ପରେ ମା’ ଗଙ୍ଗାମାତା ଓ ମା’ ଶୀତଳା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କ୍ରମାଗତ ଭାବେ ମା’ ଶୀତଳା ୨ଟି ମ୍ୟାଚ ବିଜୟ ଲାଭ କରି ଚାମ୍ପିଅନ ହୋଇଛି। କସିଆ ଆଇଆଇସି ସାବିତ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସାନକୃଷ୍ଣପୁର ସରପଞ୍ଚ ସସ୍ମିତା ନାୟକ, ବିନୋବାଭାବେନଗର ସରପଞ୍ଚ ଆଦିତ୍ୟ ଗିରି, ମତ୍ସ୍ୟଜୀବୀ ସଂଘର ସମ୍ପାଦକ ଝଣ୍ଡୁ ମଣ୍ଡଳ, ସଭାପତି ତପନ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଖେଳାଳିମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳ ମା’ ଶୀତଳା ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଦିବାକର ମଣ୍ଡଳ ରେଫରୀ ଥିବା ବେଳେ ଏଏସ୍ଆଇ ସେବତୀ କର ଓ କନେଷ୍ଟବଳ ରମେଶ ନାୟକ ଖେଳ ପରିଚାଳନା କରିଥିଲେ। ଶକ୍ତିପଦ ମାଇତି, ଗଣେଶ ମଣ୍ଡଳ, ସୁଶାନ୍ତ ବିଶ୍ୱାଳ ସହଯୋଗ କରିଥିଲେ।

### ଶ୍ୟାମାକାଳୀ ୟୁଥ କ୍ଲବ୍ କ୍ରିକେଟ

# ଏବିସି ଭଦ୍ରକ ବିଜୟୀ

ଦୋବଲ, ୧।୨(ସମିସ): ଦୋବଲ ଜୋନ ଅନ୍ତର୍ଗତ ଜାହାଙ୍ଗୀରଠାରେ ମା' ଶ୍ୟାମାକାଳୀ ୟୁଥ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ୨୦ ଓଭର ବିଶିଷ୍ଟ ଆଜିର ଫାଇନାଲ ମ୍ୟାଚରେ ବିସିଏ ଜଳେଶ୍ୱର ଓ ଏବିସି ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏବିସି ଭଦ୍ରକ ଟସ୍ ଜିଣି ୨୦ ଓଭରରେ ୫ ଓଇକେଟ ହରାଇ ୩୨୦ କରିଥିଲା। ଜବାବରେ ବିସିଏ ଜଳେଶ୍ୱର ୧୭.୪ ଓଭରରେ ସମସ୍ତ ଓଇକେଟ ୧୭୪ କରି ପରାସ୍ତ ହୋଇଥିଲା। ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଯାତ୍ରା କଳାକାର ରଶ୍ମିରଞ୍ଜନ ମହାପାତ୍ର ଓ ଅଭିକୁମାର ଅତିଥି ଭାବେ ଯୋଗ ଦେଇଥିଲେ। ରଞ୍ଜନ ମହାନ୍ତି ଓ ସାର୍ଥକ ବିଶ୍ୱାଳ ଅମ୍ପାୟାର ରହିଥିବାବେଳେ ରାଧାଶ୍ୟାମ ଜେନା, ସୁଶାନ୍ତ ଦାସ, ବିଶ୍ୱଜିତ ପାଢୀ ଓ ସନ୍ୟାସୀ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ପଣ୍ଡା, ପରେଶ ବେହେରା ଓ ସୂର୍ଯ୍ୟକାନ୍ତ ଘଡେଇ ସ୍କୋରର ଥିଲେ। ମୁକ୍ତିକାନ୍ତ ପାଢୀ, ଶିବୁ ରାଉତ, ମାନସ ପୁହାଣ ଓ ଶ୍ୟାମାକାଳୀ ୟୁଥ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ସମାଜସେବୀ ଓ ରାଜନେତା ଯୋଗଦେଇଥିଲେ।




### ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ

# ଉତ୍କଳିକା ବାସୁଦେବପୁର ସେମିରେ




**ମଞ୍ଜୁରୀ ରୋଡ,୧।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ମେଡିକାଲ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର କପ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେସିସି ଭଦ୍ରକକୁ ହରାଇ ଉତ୍କଳିକା କ୍ଲବ ବାସୁଦେବପୁର ସେମିରେ ପ୍ରବେଶ କରିଛି। ବାସୁଦେବପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ଉଇକେଟ ହରାଇ ୨୦୦ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ମାନସ ମହାଳିକ ୪୪ବଲରୁ ୯୩ରନ ଓ ରୋନାଲଡ ଦାସ ୧୮ଟି ବଲରୁ ୩୧ରନ ସଂଗ୍ରହ କରିଥିଲେ। ଅପରପକ୍ଷର ବୋଲର ଅଜିତ ପଲାଇ ଓ ପ୍ରିତମ ଦାସ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଜେସିସି ଭଦ୍ରକ ୧୯ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଂଶୁମାନ ମହାନ୍ତି ୪୩ଟି ବଲରୁ ୬୨ରନ ସଂଗ୍ରହ କରିଥିଲେ ଅପରପକ୍ଷର ବୋଲର ରାକେଶ ପଣ୍ଡା ୨ଟି ଓ ରୋନାଲଡ ଦାସ ୩ଗୋଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ମାନସ ମହାଳିକଙ୍କୁ ପୁରସ୍କୃତ କରାଯାଇଥିଲା। ଚିନ୍ମୟ ସେନାପତି ଓ ଅଶୋକ ରାଉତ ଅମ୍ପାୟାର ଥିବା ବେଳେ ସ୍କୋରର ଥିଲେ ସନ୍ତୋଷ ଖଣ୍ଡାଇ, ଦେବୀପ୍ରସାଦ ବିଶ୍ୱାଳ। ଭାଷ୍ୟକାର ଥିଲେ ଶ୍ରୀକାନ୍ତ ଖଣ୍ଡାଇ, ପ୍ରତ୍ୟୁଷ ସାହୁ। ଶରତଚନ୍ଦ୍ର ବାରିକ ମ୍ୟାଚ ରେଫରୀ ରହିଥିଲେ।

**ସୁଭଦ୍ରା ଯୋଜନା, ରାସନ କାର୍ଡ ଦରଖାସ୍ତ ପାଇଁ ଜିଲ୍ଲାସ୍ତରୀୟ ଯାଞ୍ଚ କମିଟି ବୈଠକ**

# ସୁପାରିସ୍ ହେଲା ୭୭,୧୯୬: ଅଯୋଗ୍ୟ ୧୦୨୮

ଭଦ୍ରକ,୧।୨(ସମିସ)



ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସୁଭଦ୍ରା ଯୋଜନାରେ ଜିଲ୍ଲା ପ୍ରଶାସନକୁ ପ୍ରାପ୍ତ ରାସନ କାର୍ଡ ନ ଥିବା ସମସ୍ତ ୭୮୨୨୪ ଆବେଦନପତ୍ରର ଯାଞ୍ଚ ପାଇଁ ଭଦ୍ରକ ଜିଲ୍ଲାସ୍ତରୀୟ ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତ୍‌ରାଏଙ୍କ ଅଧ୍ୟକ୍ଷତାରେ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଏଲଡିଏମ୍ ନାଗେଶ୍ୱର ରାଓ, ସିଏସଓ ଲିଙ୍ଗରାଜ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, କମିଟି ସଦସ୍ୟା ଝରଣା ପଟ୍ଟନାୟକ, ସୋଫିଆ ସେକ୍ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଜିଲ୍ଲା ସଂଯୋଜକ ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ।

ନିଷ୍ପତ୍ତି ଅନୁଯାୟୀ. ୭୭,୧୯୬ଟି ଦରଖାସ୍ତ ଅନୁମୋଦନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟକୁ ସୁପାରିଶ କରାଯାଇଅଛି। ୧୦୨୮ଟି ଦରଖାସ୍ତ ରଦ୍ଦ କରାଯାଇଛି। ଏହି ସମସ୍ତ ଦରଖାସ୍ତ ପୂର୍ବରୁ ସଂପୃକ୍ତ ବ୍ଲକ୍ ଓ ପୌର ଅଞ୍ଚଳର କ୍ଷେତ୍ରସ୍ତରୀୟ ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ କି, ଅଦ୍ୟାବଧି ସୁଭଦ୍ରା ଯୋଜନାରେ ଜିଲ୍ଲାରେ ୪୧୮୭୬୭ ଜଣ ଆବେଦନ କରିଛନ୍ତି। ସେଥିମଧ୍ୟରୁ ଯୋଗ୍ୟ ବିବେଚିତ ସମୁଦାୟ ୩୦୨୭୩୯ ଜଣ ୧ମ କିସ୍ତି ଟଙ୍କା ପାଇସାରିଛନ୍ତି। ଇ-କେୱାଇସି ପାଇଁ ୩୪୩ ଜଣ, ଏନପିସିଆଇ ପାଇଁ ୮୮୮୦ ଜଣ ଯୋଗ୍ୟ ହିତାଧିକାରୀ ଏ ପର୍ଯ୍ୟନ୍ତ ଟଙ୍କା ପାଇପାରି ନାହାନ୍ତି।

## କେନ୍ଦ୍ର ବଜେଟ-୨୦୨୫ ପ୍ରତିକ୍ରିୟା..

ବଜେଟ ୨୫-୨୬ କିଛିଦିଗରୁ ଉତ୍ସାହଜନକ ହୋଇଥିଲେ ମଧ୍ୟ ଅନେକ ଦୃଷ୍ଟିକୋଣରୁ ଏହା ଫଳପ୍ରଦ ନୁହେଁ ବୋଲି କୁହାଯାଇପାରେ। ଆୟକର ଛାଡ଼ ସୀମା ବୃଦ୍ଧି ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ବହୁ ସରକାରୀ କର୍ମଚାରୀ ଏବଂ ମଧ୍ୟବିତ୍ତ ପରିବାରବର୍ଗ ଉପକୃତ ହେବା ନିଶ୍ଚିତ। ଦ୍ୱିତୀୟରେ ଭିତିଭୂମିର ବିକାଶ ନିମିତ ବଜେଟରେ ଅଧିକ ବ୍ୟୟବରାଦ କରାଯିବା ଉଚିତ୍ ପଦକ୍ଷେପ। ତୃତୀୟ ଦିଗ ହେଲା ବହୁ ବୈଦ୍ୟୁତିକ କରଣ, ବିଳାସ ସାମଗ୍ରୀ ତଥା କିଛି ଉତ୍ପାଦନ ସହାୟକ ସାମଗ୍ରୀର ଦର କମ କରାଯାଇଛି ମାତ୍ର ସାଧାରଣ ମଣିଷର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ କରାଯିବାର କୌଣସି ପ୍ରାବଧାନ ପ୍ରଣୀତ ହୋଇ ନ ଥିବା ଲକ୍ଷ୍ୟ କରା ଯାଉନାହିଁ। ବିଶେଷ କରି କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପ ପ୍ରତିଷ୍ଠାନର ଥଇଥାନ ତଥା ଉନ୍ନତି ପାଇଁ ଯେଉ ପଦକ୍ଷେପ ବଜେଟରେ ଗ୍ରହଣ କରାଯାଇଛି ତାହା ଅତ୍ୟନ୍ତ ପ୍ରଶଂସାର ବିଷୟବସ୍ତୁ। ମାତ୍ର ଅଣସଂଗଠିତ ଶିଳ୍ପଗୁଡ଼ିକ ପାଇଁ କିଛି ପ୍ରୋତ୍ସାହନମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ତାହା କର୍ମନିଯୁକ୍ତି କ୍ଷେତ୍ରରେ ଅଧିକ ସହାୟକ ହୋଇଥାନ୍ତା।



- ସୌରେଶଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ, ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ

ବଜେଟ ୨୦୨୫ ସାଧାରଣ ଜନତାଙ୍କ ପାଇଁ ଖୁବ ବେଶୀ ଆଶାଜନକ ନୁହେଁ। ମଧ୍ୟବିତ୍ତ ଶ୍ରେଣୀର ଆୟକର ଛାଡ଼ କର୍ପୋରେଟ ଆୟକର ଛାଡ଼ ତୁଳନାରେ ସନ୍ତୋଷଜନକ ନୁହେଁ। ବିଭିନ୍ନ ସାମଗ୍ରୀ ଶସ୍ତା ହେବା ଦୃଷ୍ଟିରୁ ଏହା ଏକ ଲୋକାଭିମୁଖୀ ବଜେଟ କୁହାଯାଉଥିବା ବେଳେ ଆର୍ଥିକ ବଜାରରେ ଏନେଇ ନକରାତ୍ମକ ପ୍ରତିକ୍ରିୟାମାନ ଶୁଣିବାକୁ ମିଳୁଛି।



- ଡ. ଶଶଧର ଦାସ, ଶିକ୍ଷାବିତ୍ ଓ ସାହିତ୍ୟିକ, ଭଦ୍ରକ

## ଭଣ୍ଡାରିପୋଖରୀ ମହୋତ୍ସବର ଆଜି ଉଦ୍‌ଘାଟନ



ଭଣ୍ଡାରିପୋଖରୀ/ବାରିକପୁର, ୧।୨(ସମିସ): ଏକ ରମଣୀୟ ସନ୍ଧ୍ୟାରେ ରବିବାର ଭଣ୍ଡାରିପୋଖରୀ ମହୋତ୍ସବ ଉଦଘାଟିତ ହେବ। ଏନେଇ ମହୋତ୍ସବ କମିଟି ପକ୍ଷରୁ କଲେଜ ପରିସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ମହୋତ୍ସବ ରୂପରେଖ ସମ୍ପର୍କରେ ସଭାପତି ସାମ୍ବାଦିକଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କମିଟି ସମ୍ପାଦକ ଗୋଲକଚନ୍ଦ୍ର ବେହେରା ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭଣ୍ଡାରିପୋଖରୀ ଐତିହ୍ୟ ପରମ୍ପରାକୁ ନେଇ ମହୋତ୍ସବ ଆରମ୍ଭ ହେଉଥିବା ବେଳେ ଏଥିରେ ତିନି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମଞ୍ଚରେ ଲୋକପ୍ରତିନିଧି, ସଫଳ କୃଷକ, କ୍ରୀଡ଼ାବିତ, ସୁବକ୍ତା, ନୃତ୍ୟ ସଙ୍ଗୀତ ଆଦି ପ୍ରତିଭାମାନଙ୍କୁ ସମ୍ମାନ ପ୍ରଦାନ କରାଯିବ। ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣ ଙ୍କ ସମେତ କମିଟିର ବରିଷ୍ଠ ସଦସ୍ୟ ରଜନୀକାନ୍ତ ଚନ୍ଦ, ସତ୍ୟାନନ୍ଦ ମହାପାତ୍ର, ଗିରିଶଚନ୍ଦ୍ର ସାମଲ, ଲଳିତ ରାଉତ, ବିଜୟଶଙ୍କର ମହାନ୍ତି, ରଞ୍ଜନ ପରିଡ଼ା, ପବନ ନାୟକ, ସୁଶାନ୍ତ ଦାସ, ସନ୍ତୋଷ ଦାସ, ଅଭିଷେକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**● "କବି ବାଞ୍ଛାନିଧି ଥିଲେ ଜାତୀୟ ଜାଗରଣର ସ୍ୱର'**

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଞ୍ଛାନିଧିଙ୍କ ସ୍ମୃତିସଭା

ଭଦ୍ରକ,୧।୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଞ୍ଛାନିଧି ସ୍ମୃତି ସଂସଦଙ୍କ ସହଯୋଗରେ ଜିଲ୍ଲା ସଂସ୍କୃତି ଭବନରେ ଜାତୀୟ କବି ବାଞ୍ଛାନିଧିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ସଂସଦରେ ସଭାପତି ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କବି ବାଞ୍ଛାନିଧିଙ୍କ କବିତାରେ ଭରି ରହିଥିଲା ଜାତୀୟ ଜାଗରଣର ସ୍ୱର। ସ୍ୱାଧୀନତାର ପୃଷ୍ଠଭୂମିରେ ତାଙ୍କର ଉଦବୋଧନ ମୂଳକ କବିତା ଦେଶପ୍ରେମ ଓ ସମାଜରେ ଜନସଚେତନତା ସୃଷ୍ଟି କରିବାରେ ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।



ଡ. ଶଶଧର ଦାସ ମୁଖ୍ୟଅତିଥି, ଡ. ଅରବିନ୍ଦ ଗିରି ମୁଖ୍ୟବକ୍ତା, କଥାକାର ପବିତ୍ର ପାଣିଗ୍ରାହୀ ବିଶିଷ୍ଟ ଅତିଥି, ବୈଲୋଚନ ଜେନା ସମ୍ମାନିତ ଅତିଥି ଓ କବି ଉମାକାନ୍ତ ରାଉତ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ। କବି ପୂର୍ଣ୍ଣଚନ୍ଦ୍ର ବହଳି ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଞ୍ଛାନିଧି ସ୍ମୃତି ସଂସଦ ପକ୍ଷରୁ ଡା. ଦୁର୍ଯ୍ୟୋଧନ ଦାସଙ୍କ ଲିଖିତ ସଂଜୀବନୀ ଓ ବୀରତ୍ୱ କାହାଣୀ ଦୁଇଟି ଶିଶୁ କାହାଣୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଭଦ୍ରକ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କବି ବାଞ୍ଛାନିଧିଙ୍କ ରଚିତ ସଂଗୀତ ପରିବେଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ଜିତେନ୍ଦ୍ର ପଣ୍ଡା ସଂଯୋଜନା କରିଥିବା ବେଳେ କୃଷ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସକ ଦୀପକ ଦାସଙ୍କ ଅବସର ଗ୍ରହଣ



ଧାମନଗର,୧।୨(ସମିସ): ଧାମନଗର ଝୁରୁଛି ପ୍ରଶାସନିକ ଅଧିକାରୀ ଦୀପକ ଦାସଙ୍କୁ। ଶୁକ୍ରବାର ଦକ୍ଷ ଅଧିକାରୀ ତଥା ଧାମନଗର ତହସିଲଦାର ଦୀପକ ଦାସଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଚାକିରିର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ତତ୍ତ୍ୱାବଧାନରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ରାଜସ୍ୱ ପରିଦର୍ଶକ, ଗିରୀଶଚନ୍ଦ୍ର ନାୟକ, ଧରମପଦ ସାହୁ, ଉପବିଭାଗୀୟ ଅଧିକାରୀ ମେରାଜ ଅଲ୍ଲୀ ସାହା, କନିଷ୍ଠ ରାଜସ୍ୱ କିରାଣି କୃଷ୍ଣପ୍ରସାଦ ପେଡ଼ା, ରାଜେଶ ମାଝି, ତାପସ ପଣ୍ଡା, ବାସୁଦେବ ପଣ୍ଡା, ସରୋଜ ଜେନା, ଦେବାଶିଷ ସାହୁ, ଭକ୍ତିଲତା ପତି, ପଙ୍କଜ ନାୟକ, ଆରଆଇ ପ୍ରକାଶଚନ୍ଦ୍ର ମଲ୍ଲିକଙ୍କ ସମେତ ସମସ୍ତ ଆରଆଇ, ଅମିନ, ବିଜୟ ପଣ୍ଡା ଓ କର୍ମଚାରୀ ଶତ୍ରୁଘ୍ନ ରାଉତ, ରବୀନ୍ଦ୍ର ଜେନା ଉପସ୍ଥିତ ଥିଲେ। ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ରାଜନୈତିକ ଦଳର ନେତା, ସାମ୍ବାଦିକ, ବୁଦ୍ଧିଜୀବୀ, ସମାଜସେବୀ, ବରିଷ୍ଠ ନାଗରିକ ପରିଷଦ ଓ ସଂଗଠକ ଶୁଭେଚ୍ଛା ଜଣାଇବା ସହ ଶ୍ରଦ୍ଧାର ଉପହାର ପ୍ରଦାନ କରିଥିଲେ। ବର୍ତ୍ତମାନ ଅତିରିକ୍ତ ତହସିଲଦାର ସାଇ ସିଲୋନା ଦାୟିତ୍ୱ ନେଇଛନ୍ତି ବୋଲି ସୂଚନା ମିଳିଛି।

## ପ୍ରତିଭା ପ୍ରୋତ୍ସାହନ ପୁରସ୍କାର ବିତରଣୀ ଉତ୍ସବ

ଭଣ୍ଡାରିପୋଖରୀ,୧।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାହିମହୁରା ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ମଣ୍ଡଳ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଉଦଘାଟନ କରିଥିଲେ। ସାହିତ୍ୟିକ କାର୍ତ୍ତିଚନ୍ଦ୍ର ସ୍ୱାଇଁଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ମୁଖ୍ୟଅତିଥି, ଶିକ୍ଷାବିତ ପ୍ରଫୁଲ୍ଲ ସାହୁ ମୁଖ୍ୟବକ୍ତା, କବି ସନ୍ତୋଷ ସାହୁ, ଶିକ୍ଷାବିତ ସୁରେନ୍ଦ୍ର ପଣ୍ଡା, ପ୍ରାକ୍ତନ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ନାଟ୍ୟ ନିର୍ଦ୍ଦେଶକ କରୁଣାକର ବାରିକ, ଶିକ୍ଷା



ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ, ଦେବେନ୍ଦ୍ର ନାୟକ, ରାଜକିଶୋର ନାୟକ, ଶ୍ରୀନିବାସ ପାଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ଜେନା, ବିଦ୍ୟାଳୟ କମିଟି ସଭାପତି ତରୁଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଶିକ୍ଷାବର୍ଷରୁ ବିଦ୍ୟାଳୟର ୩ୟ, ୫ମ ଓ ୭ମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜଗବନ୍ଧୁ ପଣ୍ଡା ସ୍ମୃତି ପୁରସ୍କାର ପ୍ରଦାନ କରିବାକୁ ସୁରେନ୍ଦ୍ର ପଣ୍ଡା ଘୋଷଣା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶିଶିର ବାରିକ ଉଦ୍ଦେଶ୍ୟଜ୍ଞାପନ, ମୀତାରାଣୀ ସାହୁ ଅତିଥି ପରିଚୟ ଓ ଦୁଷ୍ମନ୍ତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଲ କାମ ପାଇଁ କେନାଲ ପାଣି ବନ୍ଦ; ଚାଷୀ ହନ୍ତସନ୍ତ



ବାରିକପୁର,୧।୨(ସମିସ): ଏବେ ରବି ଚାଷ ପାଇଁ ଚାଷୀ ଭାଇମାନେ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ବିଳମ୍ବରେ କେନାଲ ପାଣି ଆସିଛି। ବିଶେଷ କରି ଡାଲିଜାତୀୟ ଫସଲ ଚାଷ ସକାଶେ ଭଣ୍ଡାରିପୋଖରୀ ବ୍ଲକ ସମେତ ବନ୍ତ ବ୍ଲକ ଓ ଭଦ୍ରକ ବ୍ଲକ ଚାଷୀମାନେ ଜମି ବେଉଷଣ କାମ ଆରମ୍ଭ କରିଛନ୍ତି। ଉକ୍ତ ୩ଟି ବ୍ଲକର ଚାଷଜମିଗୁଡିକୁ ୩ନମ୍ବର ହାଇଲେବୁଲ କେନାଲ ଦ୍ୱାରା ଜଳସମ୍ପଦ ବିଭାଗ ପାଣି ଯୋଗାଇଥାଏ। ଗତକାଲିଠାରୁ କେନାଲରେ ପାଣି ଛଡ଼ା ଯାଇଥିବା ବେଳେ ନୁଗୁଆଁ ନିକଟ ଗୁହାଳି ପୋଲ ନିକଟରେ ଏହା ଅଟକି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ବାରିକପୁର କେନ୍ଦୁଆପଦା ରାସ୍ତା କାର୍ଯ୍ୟ ହେଉଥିବା ବେଳେ ଗୁହାଳି ପୋଲ ନିକଟରେ ଠିକା ସଂସ୍ଥା ରାସ୍ତା ସଂଲଗ୍ନ କେନାଲ ଉପରେ ଏକ ପୋଲ ନିର୍ମାଣ କରୁଛି। ତେଣୁ କେନାଲ ମଝିରେ ମାଟି ବନ୍ଧ ଦିଆଯାଇ ପାଣିକୁ ଅଟକା ଯାଇଛି। ତେଣୁ ନିକଟସ୍ଥ ବେଲମଳା, ବୋହୁ ଦରଡା, ତୋଡଗାଁ, ବିଷ୍ଣୁପୁର, ଅଣ୍ଡେଇପଲି, ବେତରା, ଆଦମପୁର, ଜଳମଣ୍ଡୁଆ, ସରିପୁର, ତାଳସିଠା ପ୍ରମୁଖ ଗ୍ରାମର ଚାଷୀ ପାଣିରୁ ବଞ୍ଚିତ ହୋଇଛନ୍ତି। ଫଳରେ ବେଉଷଣ କାମ ବିଳମ୍ବିତ ହେଉଛି। ତିନି ନମ୍ବର ମୁଖ୍ୟ କେନାଲ ସହିତ ସଂଯୋଗ ଥିବା ୬,୭,୮ ନମ୍ବର ଶାଖା କେନାଲ ମଧ୍ୟ ଶୁଖିଲା ପଡ଼ିଥିବା ବେଳେ ଭଦ୍ରକ ବ୍ଲକର ହଜାର ହଜାର ଚାଷୀ ଏବେ ହନ୍ତସନ୍ତ ହେଉଛନ୍ତି। ମୋଟାମୋଟି ଭାବେ କେନାଲ ପାଣି ଅଧାରେ ଅଟକି ଥିବାରୁ ତିନି ଗୋଟି ବ୍ଲକର ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି। ଏହାଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଆଗରପଡ଼ା କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବନ୍ତ/ଆଗରପଡ଼ା, ୧।୨(ସମିସ): ଆଗରପଡ଼ା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ଗତ ୩୦ ତାରିଖ (ଗୁରୁବାର) ଉଦ୍‌ଘାଟିତ ହୋଇଥିବା ବେଳେ ୩୧ତାରିଖ (ଶୁକ୍ରବାର) ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣଚନ୍ଦ୍ର ପାତ୍ରଙ୍କ ପୋ÷ରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରାଇମୋହନ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ଟାଇକ୍ୱୋଣ୍ଡୋ କୋଚ କମିଟି ଅଧ୍ୟକ୍ଷ ତଥା ଓଡ଼ିଶା ଟାଇକ୍ୱୋଣ୍ଡୋ ସମ୍ପାଦକ ଚିନ୍ମୟ ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ବ୍ରଜମୋହନ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ମନୋଜ ଆଇଚ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମେଡ଼ାଲ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

କୃଷ୍ଣଚରଣ ବିଦ୍ୟାମନ୍ଦିର ଖେଳ ଶିକ୍ଷକ ସୁବୋଧ ପାତ୍ର ଓ ଗୋପୀନାଥଜୀଉ ଉଚ୍ଚବିଦ୍ୟାଳୟ ଖେଳ ଶିକ୍ଷକ ବଳଭଦ୍ର କିଙ୍କର ଜେନା ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ସଂସଦ ସଭ୍ୟ ରାଧାଶ୍ୟାମ ନାୟକ, ଜଗନ୍ନାଥ ଦାସ, ଅଧ୍ୟାପକ ଚୈତନ ତରିଆ, ଦେବାଶିଷ ବାରିକ ଓ ପବିତ୍ର ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉତ୍ସବକୁ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ହରେକୃଷ୍ଣ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।

**● ସଡ଼କ ସୁରକ୍ଷା ଧରପଗଡ଼**

## ୪୭, ୫୦୦ ଟଙ୍କା ଜରିମାନା



ଭଦ୍ରକ, ୧।୨(ସମିସ): ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ପରେ ପରେ ନିୟମର କଡାକଡି କାର୍ଯ୍ୟାନ୍ୱୟନ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିବା ଦେଖାଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତ୍‌ରାଏଙ୍କ ନିର୍ଦ୍ଦେଶକ୍ରମେ ସଡକ ସୁରକ୍ଷା ଜୀବନ ରକ୍ଷା ନେଇ ନିୟମିତ ଧରପଗଡ଼ ଆରମ୍ଭ କରାଯାଇଛି। ଫେବୃଆରୀ ମାସର ପ୍ରଥମ ଦିନରେ ପୁରୁଣା ବଜାର ଥାନା ହଳଦୀ ଡିହଠାରେ ଟ୍ରାଫିକ ଧରପଗଡ କରାଯାଇଥିଲା। ଏଥିରେ ୧୮ ଜଣ ବିନା ହେଲମେଟ ଗାଡ଼ି ଚାଳକ, ୧ଜଣ ନାବାଳକ ଗାଡି ଚାଳକ ଓ ଅନ୍ୟାନ୍ୟ ୭ ଜଣ ସଡକ ସୁରକ୍ଷା ନିୟମ ଭଙ୍ଗକାରୀଙ୍କଠାରୁ ଜରିମାନା ବାବଦ ସମୁଦାୟ ୪୭,୫୦୦ ଟଙ୍କା ଆଦାୟ କରାଯାଇଛି। ରୋଡ ସେଫ୍ଟି ଅଧିକାରୀ ଏସକେ ରହିମ, ଟ୍ରାଫିକ ସବ୍‌ଇନ୍ସପେକ୍ଟର ଏସ ମିଶ୍ର, ସହକାରୀ ଟ୍ରାଫିକ ସବ୍‌ଇନ୍ସପେକ୍ଟର ଏସ ଏସ Wନାୟକ ଓ ଅନ୍ୟ କର୍ମଚାରୀ, ପୁରୁଣା ବଜାର ଥାନା ଏଏସଆଇ ଲାଲୁ ହାଁସଦା ଓ ଅନ୍ୟ କର୍ମଚାରୀ ଏହି ଧରପଗଡ କର୍ଯ୍ୟକ୍ରମରେ ସାମିଲ ଥିଲେ।

**ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ**

# ଧୈର୍ଯ୍ୟ ଓ ଦୃଢ଼ ଇଚ୍ଛାଶକ୍ତି ଜୀବନକୁ ସୁଗଠିତ କରେ

**ବିନାୟକ ବିଦ୍ୟାମନ୍ଦିର**

ଭଦ୍ରକ, ୧।୨(ସମିସ): ଆରଡ଼ି ଛକସ୍ଥିତ ବିନାୟକ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ଓ ଦଶମ ଶ୍ରେଣୀ ଛାତ୍ରଙ୍କ ବିଦାୟକାଳୀନ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ କିଶୋର ନାୟକଙ୍କ ଅଧ୍ୟକ୍ଷତା ଓ ସଭାପତି ମାନସ ରଞ୍ଜନ ପାଣି, ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଡିଆଇବି ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାବାଜୀ ଚରଣ ପଣ୍ଡା, ନିତ୍ୟାନନ୍ଦ ଜେନା, ସୁଦର୍ଶନ ପ୍ରଧାନ, ସଦାନନ୍ଦ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ପ୍ରିୟବ୍ରତ ଭାରତୀଙ୍କ ଲିଖିତ ଓ ନିର୍ଦ୍ଦେଶନାରେ ନାଟକ "ସମ୍ପର୍କ" ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲାଫ ଶିକ୍ଷକ ପ୍ରିୟବ୍ରତ ଭାରତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗଣେଶ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବଟିକୁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଶହଶହ ଅଭିଭାବକଙ୍କ ଗହଳରେ ଉତ୍ସବଟି ଉଦଯାପିତ ହୋଇଥିଲା।

**ଅସୁରାଳି:** ଆନ୍ତରିକ କର୍ମ ଜିଜ୍ଞାସା, ଅପରିସୀମ ଧୈର୍ଯ୍ୟ ଓ ଦୃଢ଼ଇଚ୍ଛା ଶକ୍ତି ଜୀବନକୁ ସୁଗଠିତ କରିଥାଏ ବୋଲି ଧାମନଗର ବ୍ଲକ ଅନ୍ତର୍ଗତ ଗଡିଆଳି ପଞ୍ଚାୟତ ଝାଡେଶ୍ୱର ଉଚ୍ଚ ବିଦ୍ୟାପୀଠର ୩୧ତମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଶିଶିର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ବାର୍ଷିକ ଉତ୍ସବରେ ଆଖଣ୍ଡଳମଣି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର ମୁଖ୍ୟଅତିଥି, ଏବିଓ ସତ୍ୟସୁନ୍ଦର ପରିଡା ବରେଣ୍ୟ ଅତିଥି, ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ପାଢ଼ୀ, ସ୍ଥାନୀୟ ସରପଞ୍ଚ ସରୋଜ ସ୍ୱାଇଁ, ଅସୁରାଳି ସାଧନା କେନ୍ଦ୍ର ସଂଯୋଜକ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବେଦ ପାଠ କରିଥିଲେ ସଂସ୍କୃତ ଶିକ୍ଷକ ରଞ୍ଜନ ପଣ୍ଡା, ଅତିଥି ପରିଚୟ ପ୍ରଦାନ କରିଥିଲେ ବିଜ୍ଞାନ ଶିକ୍ଷକ ସଞ୍ଜୟ ବେହେରା। ପ୍ରକଳ୍ପ ମାଧ୍ୟମିକ



ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭସ୍ମିତା ପ୍ରଧାନ ଓ ସହକର୍ମୀ ପରିଚାଳନା କରିଥିଲେ। ଉଚ୍ଚ ବିଦ୍ୟାପୀଠର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଭିନ୍ନ ବର୍ଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶତାଧିକ ଅଭିଭାବକ, ଶିକ୍ଷାବିତ, ବୁଦ୍ଧିଜୀବୀ, ଯୁବ ବର୍ଗ ଯୋଗ ଦେଇଥିଲେ। ଧନ୍ୟବାଦ ଦେଇଥିଲେ ସହକାରୀ ଶିକ୍ଷକ ଅଜିତ ସ୍ୱାଇଁ।

**ସିନ୍ଧୁକେଶ୍ୱର ଉଚ୍ଚବିଦ୍ୟାଳୟ**

**ବନ୍ତ/ଆଗରପଡ଼ା:** ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସୁନ୍ଧୁକେଶ୍ୱର ନୋଡ଼ାଲ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଡ. ଦାମୋଦର ପଣ୍ଡା, ମୁଖ୍ୟବକ୍ତା ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ବିଶିଷ୍ଟ ଅତିଥି



ସରପଞ୍ଚ ମାଳତୀଲତା ପୃଷ୍ଟି, ସମ୍ମାନିତ ଅତିଥି ସମିତିସଭ୍ୟା ଅତସ୍ମିତା ରାଉତ, ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ନାୟକ, ପ୍ରଧାନଶିକ୍ଷକ ମୁରଲୀଧର ପଣ୍ଡା, ପିତବାସ ପଣ୍ଡା, ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, ବ୍ରହ୍ମଚାରୀ ସଂସ୍କୃତ ବିଦ୍ୟାଳୟ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ପତି, ସିଆରସିସି ଅକ୍ଷୟ ସାହୁ, ପରିଚାଳନା କମିଟି ସଭାପତି ଭାଗୀରଥି ସାହୁ, ପଞ୍ଚସଖା ସେତୁ ସଭାପତି ପ୍ରଭାକର ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ ବିବରଣୀ ପାଠ ଭକ୍ତହରି ଆଚାର୍ଯ୍ୟ କରିଥିବା ବେଳେ ଅତିଥି ପରିଚୟ ସରସ୍ୱତୀ ଜେନା ପ୍ରଦାନ କରିଥିଲେ। ବିଷ୍ଣୁପଦ ଜେନା, ସୁଶାନ୍ତ ସେଠୀ ଏବଂ ଅର୍ନ୍ତଯ୍ୟାମି ମଲ୍ଲିକ ପରିଚାଳନା କରିଥିଲେ। ସାଂସ୍କୃତିକ ନୃତ୍ୟର ପ୍ରସ୍ତୁତି ଓ ଉପସ୍ଥାପନା ଜ୍ୟୋତିଶ୍ରୀ ଜେନା, ଇତିଶ୍ରୀ ଜେନା, ରିତାଞ୍ଜଳି ମହାକୁଡ଼, ସରସ୍ୱତୀ ଜେନା, ମଧୁସ୍ମିତା ରାଉତ ଓ ହୃଷୀକେଶ ନାଗ କରିଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନର ପ୍ରସ୍ତୁତି ଶିକ୍ଷକ ଉପମନ୍ୟୁ ଖୁଣ୍ଟିଆ କରିଥିଲେ। ସୁଶାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

